**ସଂକ୍ଷେପରେ**

## ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ, ଚାଳକ ଅଟକ



ପାଣିକୋଇଲି,୨୫।୭(ବିକାଶ ମଲ୍ଲିକ): ପାଣିକୋଇଲି ପୋଲିସ ମଙ୍ଗଳବାର ଭୋରରୁ ଚୋରା କୋଇଲା ଖଲାସ ହେଉଥିବା ଏକ ୧୪ ଚକିଆ ଟ୍ରକ୍‌କୁ ସଠିପୁର ରୁମାପଶି ରାସ୍ତା କଡ଼ରୁ ଜବତ କରିଛି। ଏଥିସହିତ ଟ୍ରକ୍ ଚାଳକ ଢେଙ୍କାନାଳ ଜିଲା ମୋଟୁଙ୍ଗା ଥାନା ଅନ୍ତର୍ଗତ ଓଡ଼ପଡ଼ା ଗ୍ରାମର ଶଙ୍କର ସ୍ୱାଇଁଙ୍କୁ ଅଟକ ରଖିଛି। ତାଳଚେରରୁ ଏକ ୧୪ ଚକିଆ ଟ୍ରକ୍ (ଓଡି-୩୫-ଇ-୬୪୨୫)ରେ କୋଇଲା ଚୋରାଚାଲାଣ ହେଉଥିବା ଖବର ମିଳିଥିଲା। ଏହାପରେ ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ପ୍ରକାଶ କୁମାର ପ୍ରଧାନ, ଏଏସ୍‌ଆଇ ପ୍ରତାପ ଚନ୍ଦ୍ର ଗଡ଼ନାୟକ, ସୁଜିତ କୁମାର ମଲ୍ଲିକ, କନଷ୍ଟେବଲ ମନମୋହନ ବାରିକ, ଗୃହରକ୍ଷୀ ଗଣେଶ ଲେଙ୍କା ପ୍ରମୁଖ ଚଢ଼ାଉ କରି ଚୋରା କୋଇଲା ଡିପୋରେ କୋଇଲା ଖଲାସ କରୁଥିବା ଉକ୍ତ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିଲେ। ପୋଲିସ ପହଞ୍ଚିବା ବେଳକୁ ଅଧା କୋଇଲା ଖଲାସ ହୋଇସାରିଥିଲା। ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

## ସିଦ୍ଧ ମହାବୀର କ୍ଲବ ପକ୍ଷରୁ ଚାରାରୋପଣ



ପାଣିକୋଇଲି,୨୫।୭(ବିକାଶ ମଲ୍ଲିକ): ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଅଲତିରି (ଚାନ୍ଦପୁର)ଗ୍ରାମର ସିଦ୍ଧ ମହାବୀର କ୍ଲବ୍ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଗ୍ରାମରେ ପ୍ରାୟ ୧ହଜାର ଚାରା ରୋପଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମଙ୍ଗଳବାର କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇ ଚାନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶତାଧିକ ଚାରା ଲଗାଯାଇଛି। ପ୍ରକାଶ ରାଉତ, ଆଶୀର୍ବାଦ ସ୍ୱାଇଁ, ମନ୍ମଥ ପଣ୍ଡା, ସରୋଜ ସ୍ୱାଇଁ, ବଚନ ସ୍ୱାଇଁ, ମନପ୍ରା ପଣ୍ଡା, ବ୍ରଜ ସ୍ୱାଇଁ ଓ ପ୍ରଦୀପ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୋଲେରୋ ଧକ୍କାରେ ଗାଈ ମୃତ

ପାଣିକୋଇଲି,୨୫।୭(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସଠିପୁରଠାରେ ଭୁବନେଶ୍ୱରରୁ ଭଦ୍ରକ ଯାଉଥିବା ଏକ ଦ୍ରୁତଗାମୀ ବୋଲେରୋ (ଓଡି-୦୨-କ୍ୟୁ-୮୭୫୫) ଧକ୍କାରେ ଏକ ଗାଈର ମୃତ୍ୟୁ ହୋଇଛି। ଖବରପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ଘଟଣାସ୍ଥଳରେ ପହଞ୍ଚି ବୋଲେରୋରେ ଥିବା ଯାତ୍ରୀଙ୍କ ଅବସ୍ଥା ବୁଝିଥିଲେ। ବୋଲେରୋର ସମ୍ମୁଖ ଭାଗ ଭାଙ୍ଗିଯାଇଥିଲେ ମଧ୍ୟ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି।

## ରାଜ୍ୟ ବାର୍ କାଉନସିଲ ନିର୍ବାଚନରେ ରାଜୀବ ମହାନ୍ତିଙ୍କ ବିଜୟ୍ୟୀ

ଯାଜପୁର ଟାଉନ,୨୫।୭(ପ୍ରୟକ୍ତା ପ୍ରିୟଦର୍ଶନୀ ମହାନ୍ତି): ରାଜ୍ୟ ବାର କାଉନସିଲ ନିର୍ବାଚନରେ ଯାଜପୁରର ଯୁବ ଆଇନଜୀବୀ ରାଜୀବ ମହାନ୍ତି ୨ୟ ରାଉଣ୍ଡରେ ମ୍ୟାଜିକ୍ ନଂ. ୧୦୫୦ ଖଣ୍ଡ ଭୋଟ୍ ପାଇ ବିଜୟୀ ହେବାର ଗୌରବ ଅର୍ଜନ କରିଛନ୍ତି। ୧୦ବର୍ଷ ପରେ ଅନୁଷ୍ଠିତ ହୋଇଥିବା ଏହି ନିର୍ବାଚନରେ ଓଡ଼ିଶାରୁ ୯୬ଜଣ ଆଇନଜୀବୀ ରାଜ୍ୟ ବାର୍ କାଉନସିଲ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ରାଜ୍ୟର ପ୍ରାୟ ୨୭,୨୮୯ଜଣ ଆଇନ୍‌ଜୀବୀ ସେମାନଙ୍କ ମତଦାନ କରିଥିଲେ। ରାଜ୍ୟ ସଭା ନିର୍ବାଚନ ଶୈଳୀରେ ଗଣାଯାଉଥିବା ଏହି ଭୋଟ୍‌ରେ ରାଜ୍ୟରୁ ୨୫ଜଣ ଆଇନଜୀବୀ ନିର୍ବାଚିତ ହେବେ। ଏହି ବିଜୟ ଆଇନଜୀବୀଙ୍କ ଶ୍ରଦ୍ଧା ଓ ଆଶୀର୍ବାଦ ଯୋଗୁ ସମ୍ଭବ ହେଲା। ଏହା ଆମ୍ଭ ଜିଲାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ରାଜୀବ ପ୍ରକାଶ କରିଛନ୍ତି।

# ବିସ୍ଥାପିତ ହେବେ ଚିରିଗୁଡ଼ା ଗ୍ରାମବାସୀ

- ସ୍ଥାୟୀ ବାସିନ୍ଦା ପରିବାର ପିଛା ମିଳିବ ୧୩ ଲକ୍ଷ ୬୦ ହଜାର ଟଙ୍କା
- ବିସ୍ଥାପିତଙ୍କୁ ଘର ଯୋଗାଇ ଦେବ ଓଡ଼ିଶା ଖଣି ନିଗମ



ବୈଠକରେ ମନ୍ତ୍ରୀ, ଖଣି ନିଗମ ଅଧିକାରୀ, ଗ୍ରାମବାସୀ ଓ ଅନ୍ୟମାନେ।

କାଳିଆପାଣି,୨୫।୭(ଅସିତ ମହାନ୍ତ): ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ ସୁକୁରଙ୍ଗୀ ଖଣି ମାଟି ଡମ୍ପ ପାଇଁ ଚିରିଗୁଡ଼ା ଗ୍ରାମରେ ରହୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଦାବି ଅନୁସାରେ ସେମାନଙ୍କୁ ବିସ୍ଥାପିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଚିରିଗୁଡ଼ା ଗ୍ରାମବାସୀ ଓ ଓଏମ୍‌ସି ମଧ୍ୟରେ ବୁଝାମଣା ହୋଇଛି। ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼େଇଙ୍କ ଉଦ୍ୟମରେ ଏହାର ସମାଧାନ ହୋଇଥିବା ଜଣାପଡ଼ିଛି।

ଓଏମ୍‌ସି ଅଧୀନରେ ଥିବା ସୁକୁରଙ୍ଗୀ ଖଣିର ମାଟି ଡମ୍ପ ନିକଟରେ ଦୀର୍ଘ ବର୍ଷ ହେବ କିଛି ପରିବାର ବସବାସ କରି ଆସୁଥିବାବେଳେ ସମ୍ପୃକ୍ତ ଜମିରେ ମାଟି ଡମ୍ପ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ମାଟି ଡମ୍ପ ହେବା ପରେ ଓଏମ୍‌ସି ଗ୍ରାମବାସୀଙ୍କ ସମସ୍ୟା ପ୍ରତି ଆଖି ବୁଜି ଦେଇଥିଲା। ସେମାନଙ୍କୁ ବିସ୍ଥାପିତ କରି ଖଣି କାର୍ଯ୍ୟ କରିବା ପାଇଁ ୨୦୧୫-୧୬ରେ ହୋଇଥିବା ସର୍ଭେ ଅନୁଯାୟୀ ୧୨ ପରିବାର ଚିରିଗୁଡ଼ା ଗ୍ରାମରେ ରହୁଥିଲେ। ଏବେ କିନ୍ତୁ ସେଠାରେ ପରିବାର ସଂଖ୍ୟା ୩୦କୁ ଛୁଇଁଛି, ଯାହାକୁ ନେଇ ଓଏମ୍‌ସି ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଲାଗି ମାମଲା କୋର୍ଟକୁଯାଇଛି।

ଓଏମ୍‌ସିର ବଳପୂର୍ବକ ଉଚ୍ଛେଦ କାର୍ଯ୍ୟକୁ ବିରୋଧ ସହ ସମସ୍ତ ପରିବାରକୁ ବିସ୍ଥାପନ ଯୋଜନାରେ ସାମିଲ କରିବାକୁ ଗ୍ରାମବାସୀ ଦାବିକରି କାର୍ଯ୍ୟ ବନ୍ଦ କରିଥିଲେ। ଏହା ଜିଲା ପ୍ରଶାସନ ଏବଂ ଓଏମ୍‌ସି ଅଧିକାରୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ଏହାକୁ ନେଇ ଖଣି ନିଗମ ଅତିଥିଶାଳାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଘଡ଼େଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମବାସୀଙ୍କ ଦାବିକୁ ଯୁକ୍ତିଯୁକ୍ତ ଦର୍ଶାଇଥିଲେ।

ବୈଠକରେ ଡିଏମ୍‌ଏଫ ପାଣ୍ଠିର ଟିମ୍ ଲିଡର ଡ. କୁମାର ଶୁଭାଶିଷ, କଳିଙ୍ଗନଗର ଅତିରିକ୍ତ ଏସ୍‌ପି ସିଲଭେରିୟସ ଟପ୍ପୋ, ଖଣି ନିଗମ ଆଞ୍ଚଳିକ ପରିଚାଳକ ଇଂ. ଆଶିଷ ସାମନ୍ତରାୟ, ତହସିଲଦାର ଦମୟନ୍ତୀ ସାହୁ, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ଜିଲା ପରିଷଦ ସଭ୍ୟା ଜେମା ଚାର୍ଖି, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହନ୍ତ, ସରପଞ୍ଚ ବିକାଶ ପାତ୍ର ଓ କାଳିଆପାଣି ଥାନା ଅଧିକାରୀ ସୁଶାନ୍ତ ଦାସ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସର୍ବସମ୍ମତିକ୍ରମେ ପୂର୍ବ ସର୍ବେକ୍ଷଣ ଅନୁସାରେ ୧୨ ପରିବାରଙ୍କୁ ନିଗମର ବିସ୍ଥାପନ ନୀତି ଅନୁଯାୟୀ ୧୩ ଲକ୍ଷ ୬୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ବାକି ୧୮ପରିବାରକୁ ଜିଲା ଖଣିଜ ନ୍ୟାସ ପାଣ୍ଠିରୁ ୫ ଲକ୍ଷ ଓ ଉତ୍ତୋଳନରେ ନିୟୋଜିତ କେକେସି ଠିକା ସଂସ୍ଥା ୪ ଲକ୍ଷ ଲେଖାଏ ପ୍ରତି ପରିବାରକୁ ପ୍ରଦାନ କରିବ। ଓଏମ୍‌ସିର କୋଇପସି ନିକଟରେ ଥିବା ଘରକୁ ବିସ୍ଥାପିତ ପରିବାରଙ୍କୁ ଯୋଗାଇ ଦିଆଯିବ। ଏହି ନିଷ୍ପତ୍ତିରେ ଗ୍ରାମବାସୀ ରାଜି ହୋଇଛନ୍ତି। ଅଗଷ୍ଟ ୫ ତାରିଖ ସୁଦ୍ଧା ସମସ୍ତଙ୍କୁ ଅର୍ଥ ପ୍ରଦାନ କରାଯିବା ସହ ୨୪ ତାରିଖ ସୁଦ୍ଧା ୩୦ ପରିବାରକୁ ଗୃହ ଯୋଗାଇଦେବାକୁ ନିଗମର ସୁକୁରଙ୍ଗୀ ଖଣି ପରିଚାଳକ ଇଂ. ମନୋଜ ସେଠୀ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିସ୍ଥାପିତ ପରିବାର ପକ୍ଷରୁ ସୁଶାନ୍ତ ପ୍ରଧାନ, ରାଜକୁମାର ପାତ୍ର, ଓଏମ୍‌ସିର ପ୍ରଶାସନିକ ଅଧିକାରୀ ସୁମିତ ପାଢ଼ୀ, ପ୍ରଣୟ ପ୍ରଭଞ୍ଜନ ମହାପାତ୍ର, ମୁନା ପାତ୍ର ଓ ଠିକାଦାରଙ୍କ ପ୍ରତିନିଧି ମନୋରଞ୍ଜନ ନାଥ ପ୍ରମୁଖ ଯୋଗଦେଇ ମତ ରଖିଥିଲେ।

## ଟ୍ରକ୍ ଚାପାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ପାଣିକୋଇଲି,୨୫।୭(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଆଙ୍ଗୁଲା ରାସ୍ତାର ପାଣିକୋଇଲି କଲ୍ୟାଣ ମଣ୍ଡପ ଅନତିଦୂରରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଚାପାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

ସୂଚନା ଅନୁସାରେ, ମଙ୍ଗଳବାର ମଧ୍ୟାହ୍ନରେ ନମିଚିକିରି ଗ୍ରାମର ଶିଶିର ଆଇଚଙ୍କ ପୁତୁରା ଯାଜପୁର ଥାନା ମାର୍କଣ୍ଡପୁର ଗ୍ରାମର ରଜନୀକାନ୍ତ ନାୟକ(୨୪), ଶିଶିରଙ୍କ ମିଠା ଦୋକାନରେ ରହୁଥିବା କର୍ମଚାରୀ କେନ୍ଦୁଝର ଅଞ୍ଚଳର ସତ୍ୟରଞ୍ଜନ ପଳତା(୧୬) ଓ ସ୍ଥାନୀୟ ନମିଚିକିରି ଅଞ୍ଚଳର ରମେଶ କବି(୪୩)ଙ୍କୁ ଶିଶିରଙ୍କ ବାସଭବନକୁ ମଧ୍ୟାହ୍ନଭୋଜନ ନିମନ୍ତେ ଏକ ପଲସର ବାଇକ୍(ଓଡି-୦୫-କେ-୦୭୧୨)ରେ ବସାଇ ନେଇକି ଯାଉଥିଲେ। ବର୍ଷା ଯୋଗୁ ବାଇକ୍‌ଟକ ସ୍ଲିପ କରିବାରୁ ଭାରସାମ୍ୟ ହରାଇ ସେମାନେ ରାସ୍ତା ଉପରେ ପଡ଼ିଯାଇଥିଲେ। ଏହି ସମୟରେ ନମିଚିକିରି ପଟୁ ଆସୁଥିବା ଏକ ୪୦୭ ଟ୍ରକ୍ ସେମାନଙ୍କ ଉପରେ ଚଢ଼ିଯାଇ ଦ୍ରୁତ ଗତିରେ ପଳାଇଥିଲା। ଫଳରେ ତିନି ଜଣ ବାଇକ୍ ଆରୋହୀ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ଖବର ପାଇ ସ୍ଥାନୀୟ ଜନସାଧାରଣ ଓ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟମାନେ ପହଞ୍ଚି ସେମାନଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ରଜନୀଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଥିବା ଅନ୍ୟ ଦୁଇ ଜଣଙ୍କୁ କଟକ ବଡ଼ଡାକ୍ତରଖାନାକୁନିଆଯାଉଥିବାବେଳେ ବାଟରେ ସତ୍ୟରଞ୍ଜନଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ରମେଶ କବି ଗୁରୁତର ହୋଇ କଟକ ବଡ଼ ଡାକ୍ତଖାନାରେ ଭର୍ତ୍ତି ହୋଇଛନ୍ତି। ପାଣିକୋଇଲି ପୋଲିସ ରାସ୍ତା କଡ଼ରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି।

## କଳ୍ପତରୁ ଦାସଙ୍କ ଅଷ୍ଟମ ପୁଣ୍ୟତିଥି



କଳ୍ପତରୁ ଦାସଙ୍କ ପୁଣ୍ୟତିଥିରେ ଅତିଥିମାନେ ମାଲ୍ୟାର୍ପଣ କରୁଛନ୍ତି।

ଧର୍ମଶାଳା,୨୫।୭(ବଟକୃଷ୍ଣ ପରିଡ଼ା): ଧର୍ମଶାଳାର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ କଳ୍ପତରୁଦାସଙ୍କ ଅଷ୍ଟମ ପୁଣ୍ୟତିଥି ଧର୍ମଶାଳା ବ୍ଲକ କୋଟପୁରସ୍ଥିତ ଖେଳପଡ଼ିଆରେ ଡ. ପ୍ରିୟନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ନୟାଗଡ଼ ବିଧାୟକ ଅରୁଣ ସାହୁ, କୋରେଇ ବିଧାୟକ ଅଶୋକ ବଳ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ କଳ୍ପତରୁଙ୍କ ଦ୍ୱାରା ଧର୍ମଶାଳା ନିର୍ବାଚନମଣ୍ଡଳୀରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ଉପରେ ଅଲୋକପାତ କରିଥିଲେ। ସଭାରେ ପୂର୍ବତନ ଏମ୍‌ପି ରୀତା ତରାଇ, ସମିତିସଭ୍ୟ ଅରୁଣ ରାଉତ, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟ ଉତ୍କଳ ଦାସ, ନିରଞ୍ଜନ ବଳ, ଦୁଃଶାସନ ସାହୁ, ଜଳଧର ସାହୁ, ସନ୍ତୋଷ ଜେନା, ପୀତାମ୍ବର ନାୟକ, ମାଇଉଦ୍ଦିନ ମହମ୍ମଦ, ଅମିୟ ପରିଡ଼ା, ପ୍ରସନ୍ନ ରାଉତ, କ୍ଷୀତିଶ ନାୟକ ଓ ଜଗଦାନନ୍ଦ ରାଉତ ପ୍ରମୁଖ ଯୋଗଦେଇ ଦାସଙ୍କ ସ୍ମୃତିଚାରଣ କରିଥିଲେ। ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଧନ୍ୟବାଦ ଦେଇଥିଲେ।

# ସରକାରୀ ଜମିରେ ଗୃହ ନିର୍ମାଣକୁ ବିରୋଧ

ସିଂହପୁର,୨୫।୭ (ଅନଙ୍ଗ ଉଦୟ ବେଉରିଆ):



ସରକାରୀ ଜମିରେ ନିର୍ମାଣ ହେଉଥିବା ଗୃହ।

ବିଞ୍ଝାରପୁର ଥାନା ତଥା ବରୀ ତହସିଲ ଅନ୍ତର୍ଗତ ମଧୁସୁଦନପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟ ସୁନ୍ଦରପୁର ଗ୍ରାମର ଏକ ସରକାରୀ ଜମିରେ ବେଆଇନ ଭାବେ ଗୃହ ନିର୍ମାଣ କରାଯାଉଛି। ଏକଥା ଜାଣିବା ପରେ ଗ୍ରାମବାସୀ ବିରୋଧ କରିଛନ୍ତି।

ଗ୍ରାମର ଜଣେ ବ୍ୟକ୍ତି ସରକାରୀ ଜମି ଜବରଦଖଲ କରି ଉକ୍ତ ଗୃହ ନିର୍ମାଣ କରୁଛନ୍ତି। ଏହି ଗୃହ ନିର୍ମାଣ ସ୍ଥାନରେ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ ଓ ଅନ୍ୟ ସରକାରୀ ଗୃହ କରିବାକୁ ଯୋଜନା କରିଥିଲେ। ଏହି ନିର୍ମାଣ ସ୍ଥଳରେ ଏପ୍ରିଲ ୨୯ରେ ୧୪୪ଧାରା ଜାରି କରାଯିବା ସହ ବରୀ ତହସିଲଦାର ଓ ବିଞ୍ଝାରପୁର ଥାନା ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଯାଜପୁର ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ବାଧହୋଇ ଗ୍ରାମବାସୀ ମଙ୍ଗଳବାର ୫ଟି ସଚିବ, ଜିଲା ଆରକ୍ଷୀ ଅଧୀକ୍ଷକ, ଉପ ଜିଲାପାଳ, ବିଞ୍ଝାରପୁର ଥାନା ଅଧିକାରୀ ଓ ବରୀ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ବେଆଇନ ଗୃହ ଉଚ୍ଛେଦ ନ ହେଲେ ଗ୍ରାମବାସୀ ମଧୁସୁଦନପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗୃହ ନିର୍ମାଣ କରୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ଜାଲିଆତି କରି ଜମି ବିକ୍ରି ଘଟଣାରେ ଜଣେ ଅଟକ

ବ୍ରହ୍ମବରଦା,୨୫।୭ (ଯଯାତି କେଶରୀ ବେହେରା):

ରସୁଲପୁର ତହସିଲ ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ଅଶୋକ ପାଢ଼ୀଙ୍କ ନାମରେ ଥିବା ଜମିକୁ ଜାଲିଆତି କରି ବିକ୍ରି କରିବା ଘଟଣାରେ ବ୍ରହ୍ମବରଦା ପୋଲିସ ଜଣେ ଅଭିଯୁକ୍ତଙ୍କୁ କାବୁ କରି ଧର୍ମଶାଳା ଥାନାକୁ ହସ୍ତାନ୍ତର କରିଛି। ପାଢ଼ୀ ଗତ ୨୨ ତାରିଖରେ ତାଙ୍କ ଚାନ୍ଦପୁର ଅଞ୍ଚଳରେ ଥିବା ୧୨ ଡିସିମିଲ ଜମିକୁ କେତେଜଣ ଜାଲ ଦସ୍ତଖତ ଓ ମିଥ୍ୟା ପ୍ରମାଣପତ୍ର ଦେଖାଇ ବିକ୍ରି କରି ଦେଇଥିବା ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ବିକ୍ରେତା ସେହି ଗ୍ରାମର ଶୁଭ୍ରରଞ୍ଜନ ପାଢ଼ୀଙ୍କୁ ବ୍ରହ୍ମବରଦା ପୋଲିସ ପଚରାଉଚରା ପାଇଁ ଆଣିଥିଲା। ପରେ ଧର୍ମଶାଳା ପୋଲିସକୁ ହସ୍ତାନ୍ତର କରିଥିବା ଭାରପ୍ରାପ୍ତ ଥାନା ଅଧିକାରୀ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଭଳି ନକଲି କାରବାରରେ ସମ୍ପୃକ୍ତ ବ୍ୟକ୍ତି, ଜାଲ ଅଧାରକାର୍ଡ ଓ ସାର୍ଟିଫିକେଟ ତିଆରି କରୁଥିବା ଅଞ୍ଚଳର କମ୍ପ୍ୟୁଟର ଦୋକାନଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ବିଦ୍ୟୁତ୍ ତାର ଚୋରି ମାମଲାରେ ଆଉ ୨ ଗିରଫ

ପାଣିକୋଇଲି,୨୫।୭(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ କରଦା ସପିସାହିରେ ଜୁନ୍ ୧୮ ତାରିଖ ରାତିରେ ବିଦ୍ୟୁତ୍ ତାର ଚୋରି ଘଟଣାରେ ପୋଲିସ ଆଉ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କରଦା ମଙ୍ଗଳା ପାଟଣା ଗ୍ରାମର ଚିନ୍ତାମଣି ବେହେରା (୫୦) ଓ କରଦାର କାଠିଆ ମୁଣ୍ଡା(୪୨)।ଚୋରି ସମୟରେ ଗ୍ରାମବାସୀ ୨ଜଣଙ୍କୁ ଧରି ପୋଲିସ ଜିମା ଦେଇଥିବାବେଳେ ଅନ୍ୟ ଅଭିଯୁକ୍ତ ଫେରାର ହୋଇ ଯାଇଥିଲେ। ଜୁନ ୧୯ରେ ପାଣିକୋଇଲି ବିଦ୍ୟୁତ ଉପଖଣ୍ଡ ଅଧିକାରୀ ଜିତେନ୍ଦ୍ରନାଥ ସାହୁ ତାର ଚୋରି ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୧୫୩/୨୩ ରୁଜୁ କରିବା ସହ ଧାରାପଡ଼ିଥିବା ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ପିକେ ଗଡନାୟକ ସୂଚନା ଦେଇଛନ୍ତି।

## 'ମିଶନ ସବୁଜ କୋରେଇ' ଅଭିଯାନରେ ଚାରାରୋପଣ

ପାଣିକୋଇଲି,୨୫।୭ (ବିକାଶ କୁମାର ମଲ୍ଲିକ):

କୋରେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋରେଇ ବ୍ଲକ୍ ଗୋଳେଇପୁର ପଞ୍ଚାୟତ ତେଲିଆ ଗ୍ରାମରେ କୋରେଇର ପୂର୍ବତନ ବିଧାୟକ ଆକାଶ ଦାସନାୟକଙ୍କ 'ମିଶନ ସବୁଜ କୋରେଇ' ଅଭିଯାନରେ ୧୦୦ ଚାରାରୋପଣ କରାଯାଇଛି। ଏଥିସହିତ ଗ୍ରାମରେ ପିଜୁଳି, ଓଉ, ଆମ୍ବ, ପଣସ, ଆତ, ଶାଗୁଆନ, କାଜୁ, ଦେବଦାରୁ, ଆକାଶିଆ ଆଦି ବିଭିନ୍ନ ପ୍ରକାର ୧୦୦୦ ଚାରା ବଣ୍ଟନ କରାଯାଇଛି। ଏଥିରେ ଦାସନାୟକ ଯୋଗଦେଇ କୋରେଇକୁ ସବୁଜସୁନ୍ଦର କରି ଗଢ଼ିତୋଳିବା। ଆଗାମୀ ଦିନରେ କୋରେଇ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଘରେ ଗଛ ପହଞ୍ଚାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ପିନାକ ରଞ୍ଜନ ଦାସ, ଅଦ୍ୱୈତ ପ୍ରସାଦ ଦାସ, ଶାନ୍ତନୁ କୁମାର ପଣ୍ଡା, ଅନାମ ମହାପାତ୍ର, ରାହାସ ବିହାରୀ ମହାନ୍ତି, କୁଳମଣି ସାହୁ, ଲକ୍ଷ୍ମୀଧର କରଣ, ସତ୍ୟବାନ ପ୍ରଧାନ, ମୃତ୍ୟୁଞ୍ଜୟ ବିଶ୍ୱାଳ, ବାଙ୍କୁ ଜେନା, ଗୟାଧର ଦାସ, ମିର୍ଜା ହାଲିମ ବେଗ, ଅକ୍ଷୟ କୁମାର ସାହୁ, ବିଜୟ କୁମାର ଦତ୍ତ, ପ୍ରଶାନ୍ତ ମଳିକ, ମିର୍ଜା ହାସିମ ବେଗ, ନୀଳବନ୍ଧୁ ପୃଷ୍ଟି, ସନ୍ତୋଷ ବୋଷ, ଗୋପାଳ ସେଠୀ, ଦେବୀଦତ୍ତ ମହାପାତ୍ର, ସେକ କୋର୍ବାନ ଓ ବିପ୍ଳବ ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ମହରମ ପାଳନ ପାଇଁ ପ୍ରସ୍ତୁତି, ଶାନ୍ତି କମିଟି ଗଠିତ

ପାଣିକୋଇଲି,୨୫।୭(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ପରିସରରେ ଥାନା ଅଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହରମ ପର୍ବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଓ ଶାନ୍ତି କମିଟି ଗଠନ କରାଯାଇଛି। ବୈଠକରେ ମହରମ ପର୍ବ କିପରି ଭାବେ ଶାନ୍ତି, ଶୃଙ୍ଖଳାରେ ପାଳିତ ହୋଇପାରିବ ସେ ନେଇ ଥାନା ଅଧିକାରୀ ବିଶ୍ୱାଳ ଆଲୋଚନା କରିଥିଲେ। ପାଣିକୋଇଲି, ରାମପୁର ଶଗଡ଼ି, ବଇଁଚିରା ଆଦି ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାୟର ଭାଇମାନେ ଯୋଗଦେଇ ପୂର୍ବରୁ ଭାଇଚାରା ବଜାର ରଖି ଯେଭଳି ଭାବେ ପର୍ବ ପାଳନ କରାଯାଇଥିଲା ଚଳିତ ବର୍ଷ ମଧ୍ୟ ଭାଇଚାରା ବଜାୟ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସେକ୍ ଜହର ଅଲ୍ଲି, ସେକ୍ ବାବୁ, ମୁଜିବୁର ରହେମାନ, ସେକ୍ ଇସାକ, ଅଲଜିରା ବେଗ, ରଜାଗ ବେଗ୍ ଓ ନିନା ବେଗ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।



ମହରମ୍ ପର୍ବ ପାଳନ ନିମନ୍ତେ ଥାନାଧିକାରୀ ଶାନ୍ତି କମିଟି ଗଠନ କରୁଛନ୍ତି।

# କଳ୍ପତରୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀରେ ବିଶାଳ ଗଣଦୌଡ଼



ତ୍ରିରଙ୍ଗା କ୍ଲବ ପକ୍ଷରୁ ଅନୁଷ୍ଠିତ ଗଣଦୌଡ଼କୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

ଧର୍ମଶାଳା,୨୫।୭(ବଟକୃଷ୍ଣ ପରିଡ଼ା): ପୂର୍ବତନ ମନ୍ତ୍ରୀ କଳ୍ପତରୁ ଦାସଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ଅବସରରେ ତ୍ରିରଙ୍ଗା କ୍ଲବ୍ ଆନୁକୂଲ୍ୟରେ ଧର୍ମଶାଳା ବ୍ଲକ ଯୁବ ଓ ଛାତ୍ର ବିଜେଡି ସହଯୋଗରେ ଏକ ବିଶାଳ ଗଣଦୌଡ଼ ମଙ୍ଗଳବାର ସକାଳ ୭ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବାଙ୍କୀ ବିଧାୟକ ତଥା ରାଜ୍ୟ ଛାତ୍ର ବିଜେଡି ସଭାପତି ଦେବୀରଞ୍ଜନ ତ୍ରିପାଠୀ, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ଗଣଦୌଡ଼ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ଗଣଦୌଡ଼ ଧର୍ମଶାଳା ହାଟପଡ଼ିଆସ୍ଥିତ ରାଣୀ ଅହଲ୍ୟାବାଇ ଭବନଠାରୁ ଆରମ୍ଭ ହୋଇ ଶାନ୍ତିବଜାର, ଜାରକା ବଜାର ଅତିକ୍ରମ କରି ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମଠାରେ ଶେଷ ହୋଇଥିଲା। ଗଣଦୌଡ଼ରେ ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେଇଥିଲେ। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଶୁଭମ ମଲ୍ଲିକ, ଦ୍ୱିତୀୟ ସ୍ଥାନ ସ୍ମୃତିରଞ୍ଜନ ସେଠୀ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଦେବବ୍ରତ ସାହୁଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ୧୪ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ତ୍ରିରଙ୍ଗା କ୍ଲବ୍ ସଭାପତି କ୍ଷୀତିଶ ମହାନ୍ତି, ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷୀତିଶ ନାୟକ, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଜିଲା ଛାତ୍ର ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ନିରଞ୍ଜନ ସାମଲ, କୁଞ୍ଜ ସାହୁ ଓ ସୌମ୍ୟ ପଣ୍ଡା ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିବାଦରେ ଛନ୍ଦି ହୋଇଛି ଡେରାବିଶ ବ୍ଲକ ମିଶନ୍‌ଶକ୍ତି

## ଚୁଡ଼ାନ୍ତ ପ୍ରାର୍ଥୀ ତାଲିକାରୁ ବାଦପଡ଼ିଥିବା ପ୍ରାର୍ଥୀ ଭାଗ୍ୟଶ୍ରୀ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ

**ଡେରାବିଶ ୨୫। ୭ (ବେବର୍ତ୍ତା ଅଜୟ ଦାସ)**

ଦୀର୍ଘ ୪ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଡେରାବିଶ ବ୍ଲକ ମିଶନଶକ୍ତି ବିଭାଗ ପକ୍ଷରୁ ବିଏଲଏଫ୍ ଦ୍ୱାରା ବ୍ଲକ ଅଧିନସ୍ଥ ୨୬ ଗୋଟି ପଂଚାୟତ ପାଇଁ ଏମ୍‌ବିକେ, ସିଆରପି ଓ ବ୍ୟାଙ୍କ ମିତ୍ର ପଦବୀର ଚୟନ ପ୍ରକ୍ରିୟା ଏବେବି ଶେଷ ହୋଇନାହିଁ । ଏହି ଚୟନ ପ୍ରକ୍ରିୟାକୁ ନେଇ ବିବାଦରେ ଛନ୍ଦି ହୋଇପଡ଼ିଛି ବ୍ଲକ ମିଶନଶକ୍ତି ବିଭାଗ । ବିଭାଗ ପକ୍ଷରୁ ଏମ୍‌ବିକେ, ସିଆରପି ଓ ବ୍ୟାଙ୍କମିତ୍ର ପଦବୀ ପାଇଁ ଘୋଷଣା କରାଯାଇଥିବା ଚୁଡ଼ାନ୍ତ ପ୍ରାର୍ଥୀତାଲିକାରୁ ବାଦ ପଡ଼ିଥିବା କାଉପଡ଼ା ପଂଚାୟତର ଭାଗ୍ୟଶ୍ରୀ ଓଝା ଏ ନେଇ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଛନ୍ତି । ୧୭୦ଟି ଏମ୍‌ବିକେ, ସିଆରପି ଓ ବ୍ୟାଙ୍କମିତ୍ର ପଦବୀ ମଧ୍ୟରୁ ଗତ ଜୁନ୍ ୩ ତାରିଖରେ ୧୫୨ଟି ପଦବୀର ଚୁଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିଥିବା ବେଳେ ୧୮ଟି ପଦବୀ ପାଇଁ ପ୍ରାର୍ଥୀମାନଙ୍କ ଆଇସିଆରପି ଓ ଅନ୍ୟାନ୍ୟ ଅଭିଜ୍ଞତା ପ୍ରମାଣପତ୍ରରେ ତ୍ରୁଟି ଦର୍ଶାଇ ଏହାକୁ ଯାଂଚ କରିବା ପାଇଁ ଜିଲ୍ଲା କାର୍ଯ୍ୟାଳୟକୁ ପଠାଯାଇଥିଲା । ମାତ୍ର ଚଳିତ ମାସ ୭ ତାରିଖରେ ୧୮ଟି ପଦବୀ ମଧ୍ୟରୁ ୧୪ଟି ପଦବୀର ପ୍ରାର୍ଥୀମାନଙ୍କ ଚୁଡ଼ାନ୍ତ ତାଲିକା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଡେରାବିଶ ବିଡ଼ିଓ ଓ ବ୍ଲକ ମିଶନଶକ୍ତି ଅଧିକାରୀଙ୍କ ନିକଟକୁ ପଠାଇଥିଲେ । ତେବେ ଏଥିରୁ ବାଦ ପଡ଼ିଥିବା ୪ ପଦବୀ ମଧ୍ୟରୁ କାଉପଡ଼ା ପଂଚାୟତର ଭାଗ୍ୟଶ୍ରୀ ଏହି ପଂଚାୟତ ପାଇଁ ଏମ୍‌ବିକେ, ସିଆରପି ଓ ବ୍ୟାଙ୍କମିତ୍ର ତିନୋଟି ପଦବୀ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ତାଙ୍କ ନାମକୁ ଘୋଷଣା କରାଯାଇ ନଥିଲା । ତେବେ ମିଶନଶକ୍ତି ଓ ଡେରାବିଶ ବ୍ଲକ ବିଏଲଏଫ୍ ଏହାକୁ ଚଂଚକତା କରି ତାଙ୍କ ନାମକୁ ତାଲିକାରୁ ବାଦ ଦିଆଯାଇଥିବା ନେଇ ପ୍ରତିବାଦରେ ଭାଗ୍ୟଶ୍ରୀ ସୋମବାର ଲୋକାୟୁକ୍ତଙ୍କ ନିକଟରେ ଏକ ଅଭିଯୋଗ କରିଛନ୍ତି । ଲୋକାୟୁକ୍ତ ଏହି ଅଭିଯୋଗକୁ ଗ୍ରହଣ କରି ଏଲ.ୱାଇ ନଂ -୩୮୦/୨୦୨୩ ତା ୨୪. ୭. ୨୦୨୩ ରେ ଏକ କେଶ୍ ପଞ୍ଜିକୃତ କରାଯାଇଛି । ଏହି ମାମଲାରେ ଲୋକାୟୁକ୍ତ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଡେରାବିଶ ବିଡ଼ିଓ ଓ ତହସିଲଦାର, ଡେରାବିଶ ବ୍ଲକ ବିଏଲଏଫ୍ ଏବଂ କାଉପଡ଼ା ପଂଚାତୟର ଜିପିଏଲ୍‌ଏଫ୍‌କୁ ପକ୍ଷଭୁକ୍ତ କରିଛନ୍ତି । ସୂଚନା ଅନୁଯାୟୀ ଗତ ମାର୍ଚ୍ଚ ୧ ତାରିଖରୁ ସମ୍ପୃକ୍ତ ପଦବୀ ଗୁଡ଼ିକ ପାଇଁ ଆବେଦନ ପ୍ରକ୍ରିୟା ଡେରାବିଶ ବ୍ଲକ ମିଶନଶକ୍ତି ପକ୍ଷରୁ କରାଯାଇଥିଲା । ତେବେ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରେ କାଉପଡ଼ା ପଂଚାୟତର


BEFORE THE HON'BLE LOKAYUKTA, ODISHA,
At-Toshali Bhawan, Satyanagar, Bhubaneswar.
L.Y. No. 380 /2023
IN THE MATTER OF:
Bhagyashree Ojha
............ Complainant
Vrs.
Sri Amrit Ruturaj, IAS, the Collector, Kendrapara and Others.
............ Respondents

INDEX

| SL.NO. | PARTICULARS OF DOCUMENT | PAGES |
| --- | --- | --- |
| 1. | Complaint Petition | 1-3 |
| 2. | ANNEXURE-1 Form "A" with Original Affidavit and Aadhaar Card of the Complainant | [illegible] |
| 3. | ANNEXURE-2 Copy of the Notice dated 01.03.2023 | [illegible] |
| 4. | ANNEXURE-3 Copy of Acknowledgments dtd 15.03.2023 | [illegible] |
| 5. | ANNEXURE-4 Series Copies of the Educational Qualification Certificates, Aadhaar Card and Ration Card of the Complainant | [illegible] |
| 6. | ANNEXURE-5 Series Copies of the list of Candidates for 3 posts | [illegible] |
| 7. | ANNEXURE-6 Copy of Letter dated 19.05.2023 | [illegible] |
| 8. | ANNEXURE-7 Copy of the Letter dtd 07.07.2023 | [illegible] |
| 9. | ANNEXURE-8 Series Copies of the Resident Certificates | [illegible] |
| 10. | ANNEXURE-9 Copy of Collector Grievance Receipt dt-26-06-2023 | [illegible] |
| 11. | ANNEXURE-10 Copy of Letter dtd 21.10.2022 & Guidelines | [illegible] |

Bhubaneswar
Date [illegible]
By the Complainant

ଏମ୍‌ବିକେ, ସିଆରପି ଓ ବ୍ୟାଙ୍କମିତ୍ର ପଦବୀ ପାଇଁ ଭାଗ୍ୟଶ୍ରୀ ଆବେଦନ କରିଥିଲେ । ଏଥିପାଇଁ ଆବଶ୍ୟକ ପ୍ରମାଣପତ୍ର ମଧ୍ୟ ଆବେଦନ ଫର୍ମରେ ସଂଲଗ୍ନ କରିଥିଲେ । ତେବେ ପ୍ରାର୍ଥୀମାନଙ୍କ ପ୍ରମାଣପତ୍ର ଯାଂଚ ପାଇଁ ଚୟନ କମିଟିରେ ଥିବା ବିଏଲଏଫ୍‌ର କର୍ମକର୍ତ୍ତା ଅନ୍ୟ ପ୍ରାର୍ଥୀଙ୍କୁ ଡକାଇଥିଲେ ମଧ୍ୟ ଭାଗ୍ୟଶ୍ରୀଙ୍କୁ ଡକାଇନଥିଲେ । ଭାଗ୍ୟଶ୍ରୀ ତାଙ୍କ ଅବେଦନ ପତ୍ରରେ ସଂଲଗ୍ନ କରିଥିବା ରେସିଡେଂଟ ସାର୍ଟିଫିକେଟ୍‌କୁ ଡେରାବିଶ ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁ ରଦ୍ଦ କରିଦେଇଥିବାରୁ ତାଙ୍କୁ ଯାଂଚ ପାଇଁ ଡକାଯାଇନଥିଲା ବୋଲି ବିଏଲ୍‌ଏଫ୍ ପକ୍ଷରୁ ଭାଗ୍ୟଶ୍ରୀଙ୍କୁ ସୂଚନା ଦିଆଯାଇଥିଲ । କୌଣସି କାରଣ ନଥାଇ ଚଂଚକତା କରି ରେସିଡେଂଟ ସାର୍ଟିଫିକେଟ୍‌କୁ ରଦ୍ଦ କରାଯାଇଥିବାରୁ ଭାଗ୍ୟଶ୍ରୀ ତହସିଲଦାରଙ୍କୁ ଆପତି କରିବା ପରେ ତହସିଲଦାର ଅକ୍ଷୟ ପରିଡ଼ା ପୁନର୍ବାର ଭାଗ୍ୟଶ୍ରୀକୁ ଏକ ରେସିଡେଂଟ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ । ପରେ ବିଏଲଏଫ୍‌ର ଯାଂଚ କମିଟି ଦ୍ୱାରା ତାଙ୍କର ସମସ୍ତ ପ୍ରମାଣପତ୍ର ଯାଂଚ କରିବା ପରେ ଭାଗ୍ୟଶ୍ରୀ ଏହି ତିନୋଟି ପଦବୀ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ସମସ୍ତ ଯୋଗ୍ୟତା ଥାଇ ଭାଗ୍ୟଶ୍ରୀଙ୍କୁ ଅନ୍ୟାୟ ଭାବେ ମନୋନିତ କରାଯାଉନଥିବାରୁ ନ୍ୟାୟ ପାଇଁ ସେ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିବା ଭାଗ୍ୟଶ୍ରୀ କହିଛନ୍ତି ।

# ଅମଲ ହେଲେ ୩୨ନଂ. ଜୋନ ସହ ପର୍ଯ୍ୟବେକ୍ଷକ

**ରାଜନଗର, ୨୫।୭ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକରେ ବିଜେଡିକୁ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ କରିବାକୁ ଯୁବ ନେତୃତ୍ୱ ଅମଲ କୁମାର ପ୍ରଧାନଙ୍କୁ ଜିଲାପରିଷଦ ଜୋନ ନଂ. ୩୨ର ସହପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି। ଏଥିସହ ବିଜେଡିର ବରିଷ୍ଠ ନେତୃତ୍ୱ ବୈକୁଣ୍ଠ ବିହାରୀ ରାଉତ ଓ ପୂର୍ବତନ ସମିତିସଭ୍ୟ ଗୌରାଙ୍ଗ ବାରିକଙ୍କୁ ବ୍ଲକ ବିଜେଡିର ସମ୍ପାଦକ ଭାବେ ବିଧାୟକ ଧ୍ରୁବ ସାହୁଙ୍କ ପରାମର୍ଶକ୍ରମେ ନିଯୁକ୍ତି ଦିଆଯାଇଛିବୋଲି ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଏଥିସହ ବନ୍ଧପଡ଼ା ପଞ୍ଚାୟତର ପର୍ଯ୍ୟବେକ୍ଷକ ଭାବେ ମୁକ୍ତିକାନ୍ତ ରାଉତରାୟଙ୍କୁ ଦାୟିତ୍ୱ ଦିଆଯାଇଛି। ଭୁଲକ୍ରମେ କେତେକ ଗଣମାଧ୍ୟମରେ ମୁକ୍ତିକାନ୍ତ ବଦଳରେ ରାଧାକାନ୍ତ ରାଉତରାୟ ପ୍ରକାଶ ପାଇଛି। ବନ୍ଧପଡ଼ା ପଞ୍ଚାୟତର ପର୍ଯ୍ୟବେକ୍ଷକ ଭାବେ ମୁକ୍ତିକାନ୍ତଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ପ୍ରତିହାରୀ ଜଣାଇଛନ୍ତି।

# ନୂତନ ଉପ ଆରକ୍ଷୀ ଅଧୀକ୍ଷକ, ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



**ରାହାମା, ୨୫।୭(ଶ୍ରୀକାନ୍ତ ଦାସ )**

ତିର୍ତ୍ତୋଲ ଥାନାରେ ନୂତନ କରି ଯୋଗଦେଇଥିବା ଉପ ଆରକ୍ଷୀ ଅଧୀକ୍ଷକ ଚିନ୍ମୟ କୁମାର ରାଉତ ଓ ଥାନା ଅଧିକାରୀ ପ୍ରିୟବ୍ରତ ରାଉତଙ୍କୁ ରାହାମା ବଣିକ ସଂଘ ପକ୍ଷରୁ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ଅପରାହ୍ନରେ ତିର୍ତ୍ତୋଲସ୍ଥିତ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ଥାନାଧିକାରୀଙ୍କ କାର୍ଯ୍ୟାଳୟରେ ରାହାମା ବଣିକ ସଂଘ ସଭାପତି ଜଟାଧାରୀ ଦାସ, ସମ୍ପାଦକ ସୁନାକର ବେହେରା, ଯୁଗ୍ମ ସମ୍ପାଦକ ଚିନ୍ମୟ ଦାସ, ରବୀନ୍ଦ୍ର ପ୍ରଧାନ, ମନୋଜ ସାହୁ, ଉପଦେଷ୍ଟା ଭିକାରି ଚରଣ ସେନାପତି, ଦୁର୍ଯ୍ୟୋଧନ ସ୍ୱାଇଁ ପ୍ରମୁଖ ପହଞ୍ଚି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନୂତନ ଗୃହ ଉଦ୍‌ଘାଟିତ

**ପଟ୍ଟାମୁଣ୍ଡାଇ, ୨୫।୭ (ଅକ୍ଷୟ ବିଶ୍ୱାଳ)**

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ନୂତନ କାର୍ଯ୍ୟାଳୟ ଗୃହ ପୌର ପରିଷଦ କାର୍ଯ୍ୟାଳୟ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ଶାଖାର ନୂତନ କାର୍ଯ୍ୟାଳୟ ଗୃହକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଶାଖା ପରିଚାଳକ ନିରୋଦ ନାୟକ ପୌରୋହିତ୍ୟ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ ସାହୁ, ଅଣ୍ଡରା ମିନି ବ୍ୟାଙ୍କ ସିଇଓ ଅଜିତ ମଲ୍ଲିକ, ଚନ୍ଦନନଗର ସୋସାଇଟି ସଭାପତି ସୁରେଶ ପଣ୍ଡା, ଡାମରପୁର ସଭାପତି ସୁବାସ ଦାଶ, ସାନଜରିଆ ସଭାପତି ନିକୁଞ୍ଜ ଦାଶ, ପେଣ୍ଟପାଳ ସଭାପତି ଧନେଶ୍ୱର ପ୍ରଧାନ, ମୂଳବସନ୍ତ ସଭାପତି ସଞ୍ଜୟ ଲେଙ୍କା, ଓଉପଦା ସଭାପତି ସୁବାସ ଖଟୁଆ, ତେରୋହୀ ସଭାପତି ବୀରକିଶୋର ମିଶ୍ର, ଶ୍ୟାମସୁନ୍ଦରପୁର ସଭାପତି ସୁଦାମ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ କର୍ମଚାରୀ, ବିଭିନ୍ନ ସମବାୟ ସମିତି ସମ୍ପାଦକ, ମାନ୍ୟଗଣ୍ୟ ବ୍ୟକ୍ତି ଓ କୃଷକମାନେ ଯୋଗ ଦେଇଥିଲେ।



ବିଧାୟକ ଧ୍ରୁବ ସାହୁ ଗୃହ ଉଦ୍‌ଘାଟନ କରୁଛନ୍ତି।

# ଡେଙ୍ଗୁରୁ ରକ୍ଷା ପାଇଁ ଘର ଚତୁଃପାର୍ଶ୍ୱ ସଫା ରଖ



ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକ ପ୍ରତିନିଧି ଓ ଅନ୍ୟମାନଙ୍କୁ ଡେ଼ଙ୍ଗୁ ସମ୍ପର୍କରେ ସଚେତନ କରାଯାଉଛି।

**ରଘୁନାଥପୁର, ୨୫ ।୭(ରାଜେନ୍ଦ୍ର ନାରାୟଣ ସିଂହ)**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡେଙ୍ଗୁ ନିରୋଧୀ ମାସ ପାଳନ କରାଯାଇଛି। ଏହି ଉପଲକ୍ଷେ ସଚେତନତା ଓ ସମନ୍ୱୟ ସର୍ବେକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ଲକ ମିଶନଶକ୍ତି ସଭାକକ୍ଷରେ ଆୟୋଜିତ ଏହି ସଚେତନତା ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ସୁକାନ୍ତ କୁମାର ଦଳେଇ ପୌରୋହିତ୍ୟ କରିଥିଲେ। ପିଏଚ୍‌ଓ ତୃପ୍ତିମୟୀ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ଏବିଡିଓ ଅଶୋକ କୁମାର ମହାନ୍ତି, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଡା ଅୟସକାନ୍ତ ସ୍ୱାଇଁ, ଡା ପ୍ରଭାସ କୁମାର ସ୍ୱାଇଁ,ଡା. ସ୍ୱାତୀ ମହାନ୍ତି,ଡା.ନୀତୀଶ କୁମାର ସ୍ୱାଇଁ ଓ ଡା.ମଧୁସ୍ମିତା ନାୟକ ଉପସ୍ଥିତ ରହି ଏହାର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏଡିସ୍ ମଶା ଡେଙ୍ଗୁ ରୋଗର ବାହକ। ଏହି ମଶା ଦିନବେଳେ କାମୁଡ଼େ। ଏଣୁ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ପ୍ରଥମେ ଘର ଚତୁଃପାର୍ଶରେ ପଡିଥିବା ଅଦରକାରୀ ପ୍ଲାଷ୍ଟିକ ଡବା, ହାଣ୍ଡିମାଠିଆ ଓ ଟାୟାର ଆଦିକୁ ବାହାରେ ଫୋପାଡ଼ିବା ଆବଶ୍ୟକ। ଏଥିସହ ଘରେ ବ୍ୟବହୃତ ପାଣିଟାଙ୍କି ଓ କୁଲର ଇତ୍ୟାଦିକୁ ୨/୩ ଦିନ ବ୍ୟବଧାନରେ ସଫାକରି ପାଣି ବଦଳାଇବା ଜରୁରୀ ବୋଲି ସଚେତନ କରାଯାଇଥିଲା। ଏହାଛଡା ନିୟମିତ ମଶାରୀ ବ୍ୟବହାର ଏବଂ ଶରୀରକୁ ଘୋଡ଼ାଇ ରଖିବା ଭଳି ପୋଷାକ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଥିଲା। ଜ୍ୱର ସହ ହାତ, ଗଣ୍ଠି ବିନ୍ଧାହେବା ସହ ବାନ୍ତି ଓ ମୁଣ୍ଡ ବିନ୍ଧା ଆଦି ଡେଙ୍ଗୁ ରୋଗର ଲକ୍ଷଣ । ଏହିପରି ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କ ପରାମର୍ଶ କରି ଏହାର ପ୍ରତିକାର ନିମନ୍ତେ ବୈଠକରେ ସୂଚନା ଦିଆଯାଇଥିଲ। ଏଥିପ୍ରତି ନଜର ରଖିବା ପାଇଁ ପଞ୍ଚାୟତ ଜନପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଏତଦ୍‌ବ୍ୟତୀତ ମ୍ୟାଲେରିଆ, ଫାଇଲେରିଆ ଆଦ ରୋଗ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟା,ସଭ୍ୟ, ଏସଏଚ୍‌ଜି ମହିଳା, ଗାଁ କଲ୍ୟାଣ ସମିତିର ସଦସ୍ୟ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକ ଯୋଗ ଦେଇଥିଲେ। ଶେଷରେ ସ୍ୱାସ୍ଥ୍ୟ କର୍ମଚାରୀ ମହେଶ୍ୱର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକ ସଂଘ ପକ୍ଷରୁ କର୍ମଶାଳା

**କୁଜଙ୍ଗ, ୨୫।୭ (ମନୋଜ ପ୍ରଧାନ)**

ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକ ସଂଘ ଜଗତ୍‌ସିଂହପୁର ଜିଲା ପକ୍ଷରୁ କୁଜଙ୍ଗଠାରେ ଥିବା ଜିଲା କାର୍ଯ୍ୟାଳୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକ ସଂଘ ରାଜ୍ୟ ମହାସଚିବ ଦିବ୍ୟ କୁସୁମ ଆଚାର୍ଯ୍ୟ, ରାଜ୍ୟ ମହିଳା ଶାଖା ସଭାନେତ୍ରୀ ପ୍ରିୟମ୍ବଦା ନାୟକ ଯୋଗଦେଇ ଜିଲାର ସବୁ ବ୍ଲକରେ କାର୍ଯ୍ୟକର୍ତ୍ତା ଚୟନ କରିବା ସହ ବିଭିନ୍ନ କ୍ଷେତ୍ରରେ ମାନବାଧିକାର ଉଲ୍ଲଂଘନର ଶିକାର ହେଉଥିବା ନାଗରିକଙ୍କୁ ସହାୟତା ଦେବାକୁ ପରାମର୍ଶ ଦେଇଥିଲେ। ସାଧାରଣ ଲୋକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବାକୁ ମାନବାଧିକାର ରକ୍ଷକ ସଂଘ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ମଙ୍ଗଳବାର କର୍ମଶାଳାରେ ଜଗତ୍‌ସିଂହପୁର ଜିଲା ସଙ୍ଗଠନର ଉପଦେଷ୍ଟା ଗୌରହରି ସ୍ୱାଇଁ, ଜିଲା ସଭାପତି ଗିରିଜା ପ୍ରସାଦ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ମାଝି, କାର୍ଯ୍ୟକାରୀ ସଭାପତି ପ୍ରଳୟ ମହାପାତ୍ର, ଉପସଭାପତି ସନ୍ତୋଷ ବେହେରା, କୁଜଙ୍ଗ ବ୍ଲକ ସଭାପତି ଆର୍ତ୍ତବନ୍ଧୁ ନାୟକ, ସାଧାରଣ ସମ୍ପାଦକ ସଞ୍ଜିତ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ମଣିପୁର ହିଂସା ବନ୍ଦ ପାଇଁ ସିପିଆଇଏମ୍ ପକ୍ଷରୁ ଦାବିପତ୍ର




**କେନ୍ଦ୍ରାପଡ଼ା, ୨୫।୭(ଜଗନ୍ନାଥ ଧଳ)**

ମଣିପୁରରେ ଭାଜପା ଶାସନ ସରକାରରେ ଜାତିଗତ ଦଙ୍ଗା ମହିଳାଙ୍କୁ ଉଲଗ୍ନ କରି ରାସ୍ତାରେ ଚଳାଇବା ସହ ବଳାତ୍କାର ସାରା ଦେଶ ସହ ବିଶ୍ୱ ଦରବାରରେ ଆମ ମଥା ନଇ ଯାଇଛି। ମାତୃଶକ୍ତି ଆଜି ବିପନ୍ନ ହୋଇଛି। ଏ ନେଇ ମଙ୍ଗଳବାର ଆଳି, ରାଜକନିକା ସିପିଆଇଏମ୍ ଓ ବୁଦ୍ଧିଜୀବୀମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କନିକା ତହସିଲଦାର ଅଶୋକ କୁମାର ଦେଉରିଙ୍କ ଜରିଆରେ ପ୍ରଦାନ କରିଛନ୍ତି। ବାମପନ୍ଥୀ ନେତା କାଳୀପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃପାସିନ୍ଧୁ ପଣ୍ଡା, କୃତ୍ତିବାସ ନାୟକ, ଧନେଶ୍ୱର ରାଉତ, ବୈରାଗୀ ସାହୁ, ଗଙ୍ଗାଧର ମଲ୍ଲିକ, ଧନେଶ୍ୱର ଧଳ, ରମାକାନ୍ତ ନାୟକ, ଉମାକାନ୍ତ ମାଝି, ନିରଞ୍ଜନ ସୂତାର, ଦୁର୍ଯ୍ୟୋଧନ ମହାନ୍ତି, ଶରତ ରାଉତ, ଲକ୍ଷ୍ମୀପ୍ରିୟା ନାୟକ, କ୍ଷୀରୋଦ ବେହୁରିଆ, ନିରାକାର ରାଉତ, ହଳଧର ମଲ୍ଲିକ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ। ବାମ ଦଳ ପକ୍ଷରୁ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା।

# ନପଙ୍ଗରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର

**ପଟ୍ଟାମୁଣ୍ଡାଇ, ୨୫।୭ (ଅକ୍ଷୟ ବିଶ୍ୱାଳ)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ମୂଳବସନ୍ତ ପଞ୍ଚାୟତ ନପଙ୍ଗ ଗ୍ରାମରେ ସାଇସବୁରି ହସ୍ପିଟାଲ ପକ୍ଷରୁ ସାମାଜିକ କର୍ମୀ ଜଗନ୍ନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟସେବା ଶିବିରକୁ ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ଯୋଗ ଦେଇଥିବା ଡାକ୍ତରମାନେ ପ୍ରାୟ ୨୦୦ରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିସହ ରୋଗୀଙ୍କ ଡାଇବେଟିସ, ରକ୍ତ ପରୀକ୍ଷା କରାଯାଇଥିଲା। ଏଥି ମଧ୍ୟରୁ ୧୫ରୁ ଉର୍ଦ୍ଧ୍ୱ ଗୁରୁତର ରୋଗୀଙ୍କୁ ଉତ୍ତମ ଚିକିତ୍ସା ପାଇଁ ହସ୍ପିଟାଲ ନିଆଯାଇଥିଲା। ଏହି ମାଗଣା ସ୍ୱାସ୍ଥ୍ୟସେବା ଶିବିରକୁ ନପଙ୍ଗ ଗ୍ରାମ ଯୁବକ ସଂଘ ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ।

# ତୈଳ ନିଗମ ପକ୍ଷରୁ ଭିନ୍ନକ୍ଷମ ଚିହ୍ନଟ, ସହାୟତା ଶିବିର

**କୁଜଙ୍ଗ, ୨୫।୭ (ମନୋଜ ପ୍ରଧାନ)**

ଭାରତୀୟ ତୈଳ ନିଗମ, କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀ କରଣ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଆଲିମ୍‌କୋର ମିଳିତ ସହଯୋଗରେ ମଙ୍ଗଳବାର କୁଜଙ୍ଗ ସୂଚନା କେନ୍ଦ୍ର ପରିସରରେ ବ୍ଲକ ଅଞ୍ଚଳର ଭିନ୍ନକ୍ଷମ ଚିହ୍ନଟ ଓ ସହାୟତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସହାୟତା କରାଯାଇଥିଲା। ଶିବିରରେ ୨୧୦ଜଣ ଭିନ୍ନକ୍ଷମ ସେମାନଙ୍କ ନାମ ପଞ୍ଜୀକରଣ କରିଥିବାବେଳେ ମୋଟ ୧୪୫ ଜଣ ଭିନ୍ନକ୍ଷମ ସହାୟତା ପାଇବା ପାଇଁ ମନୋନିତ ହୋଇଥିବା ଜଣାପଡ଼ିଛି। ଶିବିରରେ କର୍ଣ୍ଣ, ନାସା ଓ ଗଳା ବିଭାଗର ଡାକ୍ତର ଅଭିଳାଷ ପତି, କୃତ୍ରିମ ଅଙ୍ଗ ବିଶେଷଜ୍ଞ ଡାକ୍ତର ଗୌର ଶଙ୍କର ବେହେରା, ଡା. ଧନଞ୍ଜୟ ମହାରଣା ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିଥିଲେ। ସୂଚନାଯୋଗ୍ୟ, ଚିହ୍ନିତ ଭିନ୍ନକ୍ଷମମାନଙ୍କୁ ଶ୍ରବଣ ଯନ୍ତ୍ର, ହ୍ୱିଲ ଚେୟାର, ଟ୍ରାଇ ସାଇକେଲ, ସିପି ଚେୟାର, ଆଶାବାଡି ଓ କୃତ୍ରିମ ଅଙ୍ଗ ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବ। ଏସବୁ ଖର୍ଚ୍ଚ ତୈଳ ନିଗମ ବହନ କରୁଥିବାବେଳେ କୃତ୍ରିମ ଅଙ୍ଗ ପ୍ରତ୍ୟେଙ୍ଗ ତିଆରି କରୁଥିବା ଆଲିମ୍‌କୋ ଯୋଗାଇ ଦେବ। ଏହି କାର୍ଯ୍ୟକ୍ରମରେ ତୈଳ ନିଗମର ଡିଜିଏମ ଯୋଗ ଦେଇଥିବାବେଳେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକ, କୁଜଙ୍ଗ ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କିଶୋର ମହାନ୍ତି ଯୋଗଦେଇ ସମସ୍ତ ସହାୟତା ପ୍ରଦାନ କରିଥିଲେ।

# ପଟ୍ଟାମୁଣ୍ଡାଇ ବ୍ଲକରେ ନିଯୁକ୍ତି ପରାମର୍ଶ ମେଳା



**କେନ୍ଦ୍ରାପଡ଼ା, ୨୫।୭(ଜଗନ୍ନାଥ ଧଳ)**

ରାଜ୍ୟ ସରକାର ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରି ନିଯୁକ୍ତି ଓ ଆତ୍ମନିଯୁକ୍ତି ଉପଯୋଗୀ କରିବା ପାଇଁ ପ୍ରତି ବ୍ଲକରେ ନିଯୁକ୍ତି ପରାମର୍ଶ ମେଳା ଆୟୋଜନ କରୁଛନ୍ତି। ଏହି କ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକରେ ନିଯୁକ୍ତି ପରାମର୍ଶ ମେଳା-୨୦୨୩ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ନିଯୁକ୍ତି ପରାମର୍ଶ ମେଳାରେ ଜିଲା କର୍ମ ନିୟୋଜନ ଅଧିକାରୀ ଘନଶ୍ୟାମ ଶାହା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଶୁଭ୍ରାଂଶୁ ସାହୁ, ଓରମାସ ଜିଲା ସଂଯୋଜକ ମୋନାଲିସା ନାୟକ, ସହସଂଯୋଜକ ପ୍ରିୟଙ୍କା ରାଉତ, ଜିଲା କର୍ମ ନିୟୋଜନ ବିଭାଗ ୟୁଥ ପର୍ସନେଲ ରିତା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଶିକ୍ଷିତ ବେକାର ଯୁବତୀଯୁବକମାନେ ବିଭିନ୍ନ ସରକାରୀ ସଂସ୍ଥା, କମ୍ପାନୀ ଦ୍ୱାରା ଉପଯୁକ୍ତ ତାଲିମ ଗ୍ରହଣ କଲେ ନିଯୁକ୍ତି ଓ ଆତ୍ମନିଯୁକ୍ତି ସୁବିଧା ହାସଲ କରିପାରିବେ ବୋଲି ମତପ୍ରକାଶ କରିଥିଲେ। ଏହି ମେଳାରେ ସିପେଟ, ଏଲ ଆଣ୍ଡଟି, ଏସିଏମ୍‌ଇ, ସାହି ଏକ୍ସପୋର୍ଟ, ୱାଜିର, ପଟ୍ଟାମୁଣ୍ଡାଇ ସରକାରୀ ଆଇଟିଆଇ ଆଦି ୯ଟି ସଂସ୍ଥା ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ୨୫୦ଜଣ ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିବାବେଳେ ୨୦୦ରୁ ଉର୍ଦ୍ଧ୍ୱ ଯୁବତୀଯୁବକ ତାଲିମ ପାଇଁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଭୁ ଧବଳେଶ୍ୱର ବରାଳ ଓ ସୁଶ୍ରୀ ସଙ୍ଗୀତା ଭୂୟାଁ ପରିଚାଳନା କରିଥିଲେ।

# ଚଳିତବର୍ଷ ପାରାଦୀପରେ ହେବ ବିଶ୍ୱକର୍ମା ପୂଜା

**ପାରାଦୀପ, ୨୫।୭(ଶରତ ରାଉତ)**

ପାରାଦୀପର ଅନ୍ୟତମ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ ଚଳିତବର୍ଷ ହେବ। ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ ପାରାଦୀପ ବନ୍ଦର ପ୍ରଶାସନିକ ଭବନରେ ପ୍ରାଥମିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୨୯ ପୂଜା ଆୟୋଜକ ସଙ୍ଗଠନ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ ବୈଠକ ପରେ ଆଉ ଏକ ବୈଠକ ଜିଲା ପ୍ରଶାସନିକ ସ୍ତରରେ ହେବ ବୋଲି ଜଣାପଡିଛି। ଆସନ୍ତା ସେପ୍ଟେମ୍ବର ମଧ୍ୟଭାଗରେ ଏହି ପୂଜା ମହୋତ୍ସବ ହେବ ବୋଲି ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ପାରାଦୀପ ବନ୍ଦର ସଚିବ ପି. ଏନ. ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସ୍ଥାନ, ବିଦ୍ୟୁତ୍ ସଂଯୋଗ, ଭିତ୍ତିଭୂମି ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା।

ସୂଚନାଯୋଗ୍ୟ, ପାରାଦୀପର ବିଶ୍ୱକର୍ମା ପୂଜା ମହୋତ୍ସବ ୧୯୬୭ରୁ



ବୈଠକରେ ପ୍ରଶାସନିକ ଅଧିକାରୀ ଓ ପୂଜା କମିଟିର ସଦସ୍ୟମାନେ।

- ୩ ବର୍ଷ ହେଲା ବନ୍ଦ ଥିଲା
- ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ହେଉଥିଲା। କିନ୍ତୁ କରୋନା ମହାମାରୀ ଯୋଗୁ ୨୦୨୦ରୁ ଏହା ବନ୍ଦ ଥିଲା। ପାରାଦୀପ ବନ୍ଦର ଓ ଜଗତ୍‌ସିଂହପୁର ଜିଲା ପ୍ରଶାସନ ଏଥିପାଇଁ ସହଯୋଗ କରିଥାନ୍ତି। ପ୍ରଥମେ ପାରାଦୀପ ବନ୍ଦର ପୂଜା ପାଇଁ ଜାଗା ଓ ଅନ୍ୟ ଭିତ୍ତିଭୂମି ପ୍ରସ୍ତୁତ କରିଥାଏ। ଜିଲା ପ୍ରଶାସନ ଆଇନ ଶୃଙ୍ଖଳା ବ୍ୟବସ୍ଥା କରିଥାନ୍ତି। ଏହି ପୂଜାରେ ପ୍ରମୁଖ ଭାବେ ୩ଟି ଟ୍ରକ ମାଲିକ ସଂଘ, ଡମ୍ପର ମାଲିକ ସଂଘ, ବୋଟ ମାଲିକ ସଂଘ, ଅଟୋ ରିକ୍ସା ସଂଘ, ପାରାଦୀପ ବନ୍ଦର ବିଦ୍ୟୁତ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ମେରାଇନ ବିଭାଗ ଏବଂ ଶ୍ରମିକ ୟୁନିୟନଗୁଡିକ ମଣ୍ଡପ ନିର୍ମାଣ କରିଥାନ୍ତି। ଏହି ମଣ୍ଡପ ଦେଖିବା ପାଇଁ ପ୍ରତିଦିନ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ। ୨୦୨୦ ଓ ୨୦୨୧ କରୋନା ପାଇଁ ବନ୍ଦ ରହିଥିଲା। ୨୦୨୨ରେ ଦ୍ୱୈତ ପ୍ରଶାସନ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରସ୍ତୁତି ବୈଠକ କରି ପାରି ନ ଥିଲେ, ଯେଉଥି ପାଇଁ ଶେଷ ସମୟରେ ପୂଜା ବାତିଲ ହୋଇଥିଲା। ଚଳିତବର୍ଷ ମଙ୍ଗଳବାର ପ୍ରସ୍ତୁତି ବୈଠକ ହେବା ପରେ ପୂଜା ମହୋତ୍ସବ ହେବ ବୋଲି ଆୟୋଜକ ଓ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ବିଦ୍ୟୁତ ଆଘାତରେ ଟାଟା ପାୱାର କର୍ମଚାରୀ ଗୁରୁତର

ଖଲ୍ଲିକୋଟ,୨୫।୭(ପ୍ରଶାନ୍ତ କୁମାର ମିଶ୍ର)- ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ତାଳପଡ଼ା ପଞ୍ଚାୟତର ଆମ୍ୱଝର ନୂଆଁପଲ୍ଲୀ ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ଟାଟା ପାୱାର କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଆମ୍ୱଝର ନୂଆଁପଲ୍ଲୀ ଗ୍ରାମର ଟୁକୁନା ସ୍ୱାଇଁ ଖୁଣ୍ଟରେ ଚଢ଼ି କାମ କରୁଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଖୁଣ୍ଟ ଉପରୁ ତଳକୁ ଛିଟିକି ପଡ଼ିଥିଲେ। ତୁରନ୍ତ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା କରାଯାଇ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ସଂକ୍ଷେପରେ

## ଆଇଆଇସିଙ୍କ ଯୋଗଦାନ



ପୁରୁଷୋତ୍ତମପୁର,୨୫।୭ (ସିମାଞ୍ଚଳ ମିଶ୍ର)- ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନାରେ ନୂତନ ଆଇଆଇସି ଭାବେ ସମୀର କୁମାର ରାଉତ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ସେ କନ୍ଧମାଳ ଜିଲା ଫୁଲବାଣୀ ଥାନାରେ କାର୍ଯ୍ୟରତ ଥିଲେ। ଏହି ଅବସରରେ ସେ ଆଇନଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ବରିଷ୍ଠ ନାଗରିକ ମହିଳା ଶିଶୁଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାର କହି ଜନସାଧାରଣଙ୍କ ସହଯୋଗ ଲୋଡିଛନ୍ତି।

## ଫେରାର ଅଭିଯୁକ୍ତ ଗିରଫ

ଗୋପାଳପୁର,୨୫।୭(ନବୀନରାଜ ଆଚାରୀ) ଜନୈକ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଓ ଜାତିକୁ ନେଇ ଆକ୍ଷେପ କରିବା ଘଟଣାରେ ଗୋପାଳପୁର ଥାନା ପୋଲିସ ବୁଧବାର ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିଲା। ଗିରଫ ଅଭିଯୁକ୍ତ ଜଣକ ହେଲେ ବାଦଲ ଗୌଡ଼ ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁସାରେ ଏହି ଥାନା ଅନ୍ତର୍ଗତ ଆମ୍ବପୁଆ ଖଣ୍ଡିଆ ସାହିର ଦିପୁ ସେଠୀଙ୍କୁ ଗତ ଜୁନ ୧୦ ତାରିଖ ଅପରାହ୍ନ ସମୟରେ ୩ ଜଣ ମିଶି ତାଙ୍କୁ ଗାଡ଼ି ଉପରକୁ ନେବା ସହ ଜାତିକୁ ନେଇ ଆକ୍ଷେପ କରି ଅସଭ୍ୟ ଭାଷାରେ କରି ଗାଳି ଦେଇଥିଲେ ଏବଂ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଦିପୁ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେସନମ୍ବର ୧୯୩/୨୩ ପ୍ରକାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୂର୍ବରୁ ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବା ବେଳେ ବାଦଲ ଘଟଣା ପରଠାରୁ ଫେରାର ଥିଲେ। ସୋମବାର ରାତିରେ ବାଦଲ ପଲ୍ଲୀଗୁମୁଳାରେ ଥିବା ଖବର ପାଇ ଗୋପାଳପୁର ପୋଲିସ ସେଠାରେ ଚଢ଼ାଉ କରି ବାଦଲଙ୍କୁ କାବୁ କରିବା ସହ ଏକ ବାଇକ ଜବତ କରିଥିଲେ ।
ମଙ୍ଗଳବାର ସନ୍ଧ୍ୟାରେ ବାଦଲକୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଭଞ୍ଜନଗର,୨୫।୭(ବାବୁଲା ପ୍ରଧାନ) ଭଞ୍ଜନଗର ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ମଙ୍ଗଳବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ଅଧ୍ୟକ୍ଷତା କରି ସ୍ୱାଧୀନତା ଦିବସ ସମାରୋହ କିଭଳି ପୂର୍ବ ଅପେକ୍ଷା ଅଧିକ ଆକର୍ଷଣୀୟ ହୋଇପାରିବ ତାହା ଉପରେ କହିଥିଲେ। ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରତିନିଧି ପଞ୍ଚାନନ ପାଳ, ଭଞ୍ଜନଗର ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ଶୁଭେନ୍ଦୁ ରାୟ, ବଣିକ ସଂଘ ସମ୍ପାଦକ ସୁଶାନ୍ତ ମହାପାତ୍ର, ଶୂଳପାଣି ଶତପଥୀ, ଉପସଭାପତି ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଏନ୍‌ସିସି ଅଫିସର ଲେଫ୍ଟନାଣ୍ଟ ରଜନୀକାନ୍ତ ତ୍ରିପାଠୀ, ଏନ୍‌ସିସି ନାଭାଲ ଅଫିସର ଡ. ରବୀନ୍ଦ୍ର କୁମାର ମିଶ୍ର, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ଜୋର ଧରିଲା ଋଷିକୁଲ୍ୟା ଜିଲା ଦାବି

ଆସିକା,୨୫।୭ (ସୁରେନ୍ଦ୍ର ନାଥ ସାହୁ)



ଖବରଦାତା ସମ୍ମିଳନୀରେ ଆଇନଜୀବୀମାନେ।

ଦୀର୍ଘ ୩୦ ବର୍ଷ ଧରି ଆସିକା ଓ ଏହାର ଚତୁପାର୍ଶ୍ୱରେ ଥିବା ୮ଟି ବ୍ଲକକୁ ନେଇ ଋଷିକୂଲ୍ୟା ଜିଲା ଗଠନ ଲାଗି ଅଞ୍ଚଳବାସୀଙ୍କ ପକ୍ଷରୁ ରୀତିମତ ଦାବି ଉପସ୍ଥାପନ କରାଯାଉଥିଲେ ମଧ୍ୟ ସରକାର କୌଣସି ଦୃଷ୍ଟି ଦେଉନାହାନ୍ତି । ଏପରିକି ଜିଲା ପୁନର୍ଗଠନ ସମୟରେ ଋଷିକୂଲ୍ୟା ଜିଲା ଗଠନ ଉପରେ ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇପାରିନାହିଁ। ଏହି ପରିସ୍ଥିତିରେ ଅଞ୍ଚଳ ଜନସାଧାରଣଙ୍କ ସାମଗ୍ରିକ ସ୍ୱାର୍ଥରକ୍ଷା ଦୃଷ୍ଟିରୁ ଜିଲ୍ଲା ଗଠନ ଲାଗି ଆନ୍ଦୋଳନକୁ ଜୋରଦାର କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

ମଙ୍ଗଳବାର ଅପରାହ୍ନରେ ଆସିକା ଓକିଲ ସଂଘ ସଭା ଗୃହରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଓକିଲ ସଂଘର ସଭାପତି ରବିନ୍ଦ୍ରନାଥ ଶର୍ମା ଏହା ସ୍ପଷ୍ଟ କରିଛନ୍ତି । ସରକାର ଏଥିପ୍ରତି ଅଧିକ କାଳକ୍ଷେପଣ ନୀତି ଅବଲମ୍ବନ କଲେ ଆଗାମୀ ନିର୍ବାଚନ ପୂର୍ବରୁ ଜିଲା ଗଠନ ଦିଗରେ ସରକାରୀ ହେୟମନ୍ୟତା ସମ୍ପର୍କରେ ଅଞ୍ଚଳରେ ସଚେତନତା ସୃଷ୍ଟି ସହ ଭୋଟ ବର୍ଜନ ଲାଗି ମଧ୍ୟ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି । ଆସିକା, ଧରାକୋଟ, ସୋରଡା, ଶେରଗଡ, ସାନଖେମୁଣ୍ଡି, ପୋଲସରା, ବେଗୁନିଆପଡା ଓ ହିଞ୍ଜିଳି ବ୍ଲକକୁ ନେଇ ଏହି ଜିଲା ଗଠନ ସହ ଏହାର ସଦର ମହକୁମା ଆସିକା ରହିଲେ ସମଗ୍ର ଅଞ୍ଚଳବାସୀଙ୍କ ପାଇଁ ଏହା କମ୍ ଦୂରତ୍ୱ ରହିବ ଓ ଗମନାଗମନରେ ଯଥେଷ୍ଟ ସହାୟକ ହେବ। ତୁରନ୍ତ ଜିଲା ଗଠନ ଲାଗି ନିଷ୍ପତ୍ତି ନେବାରେ ବିଳମ୍ବ ହେଲେ ଆନ୍ଦୋଳନକୁ ରାଜରାସ୍ତାକୁ ନିଆଯିବ ବୋଲି ଚେତାବନୀ ଦିଆଯାଇଛି । ଏହି ଖବରଦାତା ସମ୍ମିଳନୀରେ ଓକିଲ ସଂଘ ସମ୍ପାଦକ ନାରାୟଣ ମୁନି, ଉପସଭାପତି ଛବିଳରାମ ମିଶ୍ର, ପୂର୍ବତନ ସଭାପତି ସୁରେନ୍ଦ୍ର ନାଥ ପଣ୍ଡା, ଶିବଶଙ୍କର ପାତ୍ର, ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।

## ଲାଞ୍ଚ ମାମଲା: ପୂର୍ବତନ ଯନ୍ତ୍ରୀଙ୍କୁ ୩ ବର୍ଷ ଜେଲ୍

ଫୁଲବାଣୀ(ରାକେଶ କୁମାର ରାଉତ) ୨୫।୭

ଏକ ଲାଞ୍ଚ କାରବାର ମାମଲାର ବିଚାର କରି ମଙ୍ଗଳବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ସମର ବିଳାସ ବେହେରା ଜଣେ ପୂର୍ବତନ ଯନ୍ତ୍ରୀଙ୍କୁ ୩ ବର୍ଷ ସଶ୍ରମ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୫ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟେ ଅଧିକ ୩ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ଭାବଗ୍ରାହୀ ସାମନ୍ତରାୟ।

ମିଳିଥିବା ସୂଚନା ଅନୁସାରେ, ୨୦୧୯ରେ ବୌଦ୍ଧ ଜିଲା ଖୁଣ୍ଟୁବନ୍ଧ ପଞ୍ଚାୟତର ଜହ୍ନାପଙ୍କଠାରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଏକ ସୌର ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ତତ୍କାଳୀନ ଖୁଣ୍ଟୁବନ୍ଧ ସରପଞ୍ଚ ମିତ୍ରଭାନୁ ପ୍ରଧାନ ଏହି ପ୍ରକଳ୍ପ ତଦାରଖ ଦାୟିତ୍ୱରେ ଥିଲେ। କାମ ସରିବା ପରେ ସେ ବିଲ୍ ପାଇଁ ଯନ୍ତ୍ରୀ ଭାବଗ୍ରାହୀଙ୍କୁ ଅନୁରୋଧ କରିଥିଲେ। ଏଥିପାଇଁ ସେ ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ମିତ୍ରଭାନୁ ଏ ନେଇ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ୨୦୧୯ ଫେବୃୟାରୀ ୪ ତାରିଖରେ ଯନ୍ତ୍ରୀ ସାମନ୍ତରାୟ ତାଙ୍କ କାର୍ଯ୍ୟାଳୟରେ ଏହି ଟଙ୍କା ଗ୍ରହଣ କରୁଥିବା ବେଳେ ପୂର୍ବ ପ୍ରସ୍ତୁତି ଅନୁସାରେ ସେଠାରେ ଥିବା ଭିଜିଲାନ୍ସ କର୍ମଚାରୀ ତାଙ୍କୁ ଧରିଥିଲେ। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ୩/୧୯ରେ ଏକ ମାମଲା ରୁଜୁ ହୋଇଥିଲା । ୧୩ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ସାମନ୍ତରାୟ ଇତିମଧ୍ୟରେ ସହକାରୀ ଯନ୍ତ୍ରୀ ଭାବେ ଚାକିରିରୁ ଅବସର ନେଇ ସାରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭି.ଭି. ରାମଦାସ ମାମଲା ପରିଚାଳନା କରୁଥିଲେ।

## ଆଠଗଡ଼ ପାଟଣାରେ ଚାରାରୋପଣ



କବିସୂର୍ଯ୍ୟନଗର,୨୫।୭(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ଆଠଗଡ଼ପାଟଣା କାଳୀମନ୍ଦିର ପରିସରରେ ଏବଂ ବାହାର ସାଗର ହିଡ଼ରେ ମଙ୍ଗଳବାର ରାଜ୍ୟ ଯୁବ ବିଜେଡି ସମ୍ପାଦକ ପ୍ରମୋଦ ପଣ୍ଡା ଯୋଗଦେଇ ନଡ଼ିଆଗଛ, ନିମ୍ବ, ଗମ୍ଭାରୀ, ଚାକୁଣ୍ଡା ଚାରା ରୋପଣ କରିଥିବା ଜଣାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗୋଟିଏ ଗଛ କୋଟିଏ ଜୀବନ ନାରାରେ ଅନୁପ୍ରାଣିତ ହୋଇ ଅନୁକୂଳ ପରିବେଶ ପାଇଁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଛି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ପ୍ରମୋଦ ପଣ୍ଡା।

## ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ

ବାଲିଗୁଡା,୨୫।୭(ସଞ୍ଜୟ କୁମାର ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଭାରତୀୟ ମଜଦୁର ସଂଘର ୬୯ତମ ପ୍ରତିଷ୍ଠା ଦିବସ ବାଲିଗୁଡା ଶାନ୍ତିମୈତ୍ରୀ ସଭାଗୃହରେ ଜିଲା ସଭାପତି ଅଶୋକ ପରିଡାଙ୍କ ପୌରୋହିତ୍ୟରେ ପାଳିତ ହୋଇଛି। ବିଏମଏସର ପ୍ରତିଷ୍ଠାତା ଦନ୍ତପନ୍ତ ଠେଙ୍ଗଡେଙ୍କ ଦ୍ୱାରା ୧୯୫୫ ଜୁଲାଇ ମାସ ଆଜିର ଦିନରେ ଭୋପାଳ ଠାରେ ଶ୍ରମିକମାନଙ୍କ ସମସ୍ୟା ଦୂରୀକରଣ ପାଇଁ ମଜଦୁର ସଂଘ ପ୍ରତିଷ୍ଠା କରିଥିଲେ। ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କ ଜନ୍ମ ଦିନକୁ ବିଏମଏସର ପ୍ରତିଷ୍ଠା ଦିବସ ରୂପେ ପାଳନ କରାଯାଉଛି। ବିଏମଏସର ପ୍ରତିଷ୍ଠା ଦିବସରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ପାତ୍ର ବକ୍ତାଭାବେ ଯୋଗଦେଇ ବିଏମଏସର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷା ନିକେତନର ପ୍ରତିଷ୍ଠାତା ରାଜ କିଶୋର ପାଢ଼ୀ, ଅଧ୍ୟାପକ ଦଣ୍ଡପାଣି ଭୂୟାଁ ଓ ଶାନ୍ତିମୈତ୍ରୀର ଅଶ୍ୱିନୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶିଳ୍ପ ହିତ ଓ ଦେଶହିତରେ ଶ୍ରମିକମାନଙ୍କ ଗୁରୁତ୍ୱ ଅଧିକ ରହିଛି ବୋଲି କହିଥିଲେ। ଅଙ୍ଗନୱାଡି ଜିଲା ସଭାନେତ୍ରୀ ଶର୍ମିଷ୍ଠା ନାୟକ ଓ ବାଲିଗୁଡା ସଭାନେତ୍ରୀ ନିଳୀମା ସିଂହଦେଓ ପ୍ରମୁଖ ସେମାନଙ୍କ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ।

## ମହିଳାଙ୍କୁ ଅସଦାଚରଣ, ଯୁବକ ଗିରଫ

ଗୋପାଳପୁର,୨୫।୭(ନବୀନ ରାଜ ଆଚାରୀ)

ଜାମିନରେ ଆସି ପୁଣି ମହିଳାଙ୍କୁ ଅସଦାଚରଣ କରିବା ମାମଲାରେ ସୁନାପୁର ମେରାଇନ ପୋଲିସ ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସୁନାପୁର ଗ୍ରାମର ସୀମାଞ୍ଚଳ ବିଶୋଇ (୩୨)। ସୂଚନାନୁସାରେ ସୁନାପୁର ଗ୍ରାମର ଓଡ଼ିଆ ସାହିର ସୀମାଞ୍ଚଳ ପଡ଼ୋଶୀ ଘର ଜଣେ ମହିଳାଙ୍କୁ ବିଭିନ୍ନ ସମୟରେ ଗାଳିଗୁଲଜ କରିବା ସହ ଅସଦାଚରଣ ବ୍ୟବହାର କରୁଥିଲେ। ଗତ ୨୩ ତାରିଖ ରାତିରେ ସୀମାଞ୍ଚଳ ଘର ଉପରବାଟ ଦେଇ ମହିଳାଙ୍କ ଘର ଭିତରକୁ ପଶି ବଳାତ୍କାର ଓ ହତ୍ୟା ଉଦ୍ୟମ କରିଥିଲେ। ମହିଳା ଜଣକ ସୁନାପୁର ମେରାଇନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ ନମ୍ବର ୧୫/୨୩ ପ୍ରକାରେ ହତ୍ୟା ଉଦ୍ୟମ ଓ ଅସଦାଚରଣ ମାମଲା ରୁଜୁ କରିଥିଲା। ମଙ୍ଗଳବାର ସକାଳେ ସମୀଞ୍ଚଳ ଗ୍ରାମରେ ଥିବା ବେଳେ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିବା ସହ ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିଲା।

## ବାଘୁଆ ଜଳଭଣ୍ଡାରରୁ ଛଡ଼ାଗଲା ପାଣି

ବୁଗୁଡା,୨୫।୭(କାଳି ଚରଣ ଦାଶ)

ଖରିଫ ଫସଲ ସକାଶେ ବୁଗୁଡା ବ୍ଲକ ଅନ୍ତର୍ଗତ ମତାଝରୀ ନିକଟସ୍ଥ ବାଘୁଆ ଜଳଭଣ୍ଡାରରୁ ମଙ୍ଗଳବାର କେନାଲ ଦେଇ ପାଣି ଛଡାଯାଇଛି। ବୁଗୁଡା ଜଳସେଚନ କାର୍ଯ୍ୟାଳୟରେ ଗତ ଦିନରେ ହୋଇଥିବା ବାଘୁଆ ଜଳସେଚନ ପ୍ରକଳ୍ପର ସାଧାରଣ ଅଧିବେଶନର ନିଷ୍ପତ୍ତି ପ୍ରକାରେ ଖରିଫ ଫସଲ ପାଇଁ ଜଳଭଣ୍ଡାରରୁ ବାମ ଓ ଡାହାଣ କେନାଲ ଦେଇ ଜଳ ଛଡା ଯାଇଥିବା ସହ ନିର୍ବାହୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ପାଳ ସୂଚନା ଦେଇଛନ୍ତି। ଚାଷୀମାନେ ଏହି ଜଳକୁ ସୁଷମ ବଣ୍ଟନ ଜରିଆରେ ପାଇ ପାରିବେ। ଜଳଭଣ୍ଡାରରୁ ଜଳ ଛଡାଯିବା ସମୟରେ ସହ ନିର୍ବାହୀ ଯନ୍ତ୍ରୀ ପାଳଙ୍କ ସମେତ ସହକାରୀ ଯନ୍ତ୍ରୀ କେଶବ ଖଟାଇ, ବୈଜୟନ୍ତୀ ସାହୁ ଓ ପୂର୍ଣ୍ଣଚନ୍ଦ୍ର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ ବାଘୁଆ ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୩୧୦୦ ହେକ୍ଟର ମିଟର ଥିବା ବେଳେ ବର୍ତ୍ତମାନ ଜଳଭଣ୍ଡାରରେ ୧୧୭୮.୮୦ ହେକ୍ଟର ମିଟର ଜଳ ଗଚ୍ଛିତ ଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି।

## ଶ୍ରୀକୃଷ୍ଣ ଯୁବକ ସଂଘ ପକ୍ଷରୁ ଚାରାରୋପଣ

ଖଜୁରିପଡା,୨୫।୭(ବିଦୁର ବେହେରା)



ଖଜୁରୀପଡ଼ା ବ୍ଲକ ଦୁତିମେଣ୍ଡି ପଞ୍ଚାୟତ ପ୍ରେମଝୋରି ଶ୍ରୀକୃଷ୍ଣ ଯୁବକ ସଂଘ ତରଫରୁ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କନ୍ଧମାଳ ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଗୋଲକ ବିହାରୀ ମଲ୍ଲିକ, ସମ୍ମାନିତ ଅତିଥି ସମିତି ସଭ୍ୟା ଉଷାବତୀ ଗଣ୍ଡା, ଅବସରପ୍ରାପ୍ତ ଶିକ୍ଷକ କଣ୍ଟେଶ୍ୱର ମଲ୍ଲିକ, ଶିକ୍ଷକ ଅଜିତ ମଲିକ ଦେଇଥିଲେ। ସାମାଜିକ କର୍ମୀ ସମୀର ପ୍ରସାଦ ଝାଙ୍କର, ଆସ୍ତିକ ମଲ୍ଲିକ, ତାପସ ଦଣ୍ଡିଆ, ମନୋଜ ସେଠୀ, ଗୋଲକ ମଲ୍ଲିକ , ଯୁବକ ସଂଘ ସଭାପତି ଗୋଲକ ମଲିକ, ସମ୍ପାଦକ ଆଲୋକ ମଲ୍ଲିକ, ଗାୟତ୍ରୀ ମଲ୍ଲିକ, ପଦ୍ମିନୀ ମଲ୍ଲିକ, ବିଷ୍ଣୁପ୍ରିୟା ମଲ୍ଲିକ, ତ୍ରିଲୋଚନ ମଲ୍ଲିକ, ଶଙ୍କର ମଲ୍ଲିକ ପ୍ରମୁଖ ଚାରାରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଝିଅର ଚିକିତ୍ସା ପାଇଁ ସାହାଯ୍ୟ ନିବେଦନ କଲେ ବାପା

କୋଦଳା,୨୫।୭(ଅମିତ କୁମାର ପଟ୍ଟନାୟକ)

ବେଗୁନିଆପଡା ବ୍ଲକ ଅନ୍ତର୍ଗତ କୁମ୍ଭାରଗାଁ ପଞ୍ଚାୟତ କୁମାରିପାରୀ ଗ୍ରାମର ଭିକା ପଲେଇଙ୍କ ସାନଝିଅ କାଜଲ(୧୬) ଛଅ ମାସ ହେଲା କର୍କଟରେ ଆକ୍ରାନ୍ତ ହୋଇଛନ୍ତି। ଗରିବ ପରିବାରର କାଜଲ କଟକ ଆଚାର୍ଯ୍ୟ ହରିହର କର୍କଟ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ତାଙ୍କୁ କୌଣସି ପ୍ରଶାସନିକ ସାହାଯ୍ୟ ମିଳି ନଥିବା ପରିବାର ଲୋକେ କହିଛନ୍ତି। ରାଶନ କାର୍ଡ କି ବିଜୁ ସ୍ୱାସ୍ଥ୍ୟକାର୍ଡ ନାହିଁ। ଖବରପାଇ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ପ୍ରମୋଦ ପଣ୍ଡା ଓ ବେଗୁନିଆପଡା ବ୍ଲକ ପୂର୍ବତନ ସଭାପତି ବିଜୟ କୁମାର ଦୋରା କାଜଲଙ୍କ ବାସ ଭାବନରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି। ସେମାନେ କିଛି ଆର୍ଥିକ ସହାୟତା ପ୍ରଦାନ କରିବା ସହ ଏ ନେଇ ସେ ଜିଲାପାଳ ଓ ବିଡିଓଙ୍କୁ ଅବଗତ କରାଇବେ ବୋଲି ଆଶ୍ୱାସନା ଦେଇଛନ୍ତି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ

ବ୍ରହ୍ମପୁର,୨୫ ।୭(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷଠାରେ ଏକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଆମେରିକା ଜର୍ଜିଆ ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗ ପ୍ରଫେସର ଡ଼.ଦୀପକ ମିଶ୍ର ଉପସ୍ଥିତ ରହିଥିଲେ। ସମ୍ମାନିତ ଅତିଥି ଭାବେ ପିଜି କାଉନସିଲ ଅଧ୍ୟକ୍ଷ ଡ଼.ସୁଶାନ୍ତ ବରାଳ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଇତିହାସ ବିଭାଗ ପ୍ରଫେସର ଡ଼.ସଦାନନ୍ଦ ନାୟକ ପରିଚାଳନା କରିଥିଲେ। ସାମୁଦ୍ରିକ ବିଜ୍ଞାନ ବିଭାଗ ମୁଖ୍ୟ ରତ୍ନମୋଘ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭାଗର ସ୍ନାତକୋତ୍ତର ଓ ଗବେଷଣା ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ।

## ଜୋନ ବାଏ ଦି ପାର୍କ ହୋଟେଲ ଶୁଭାରମ୍ଭ



ହୋଟେଲ ଶୁଭାରମ୍ଭ ସମାରୋହରେ ଉପସ୍ଥିତ କର୍ମକର୍ତ୍ତା।

ବ୍ରହ୍ମପୁର/ଗୋପାଳପୁର,୨୫ ।୭ (ତନୁଶ୍ରୀ ନାହାକ/ନବୀନ ରାଜ ଆଚାରୀ)

ଗୋପାଳପୁର ବେଳାଭୂମି ନିକଟରେ ଏକ ତାରକା ହୋଟେଲ ଜୋନ ବାଏ ଦି ପାର୍କର ଶୁଭାରମ୍ଭ ହୋଇଛି। ଏହି ତାରକା ହୋଟେଲରେ ଏକକାଳୀନ ୭୦୦ରୁ ଉର୍ଦ୍ଧ୍ୱ ଅତିଥିଙ୍କ ନିମନ୍ତେ ବ୍ୟବସ୍ଥା ରହିଛି। ଏଠାରେ ଅତିଥିଙ୍କ ନିମନ୍ତେ ଫ୍ରିୱାଇଫାଇ, ଦୁଃସାହସିକ କ୍ରୀଡ଼ା, ନୃତ୍ୟ ସଙ୍ଗୀତ ଆସର, ସଟରବଗ, ସ୍ପା ଆଦି ଅନେକ ସୁବିଧା ରହିଛି। ହେଟେଲରେ ୪୦ଟି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସଂଯୋଗଥିବା ବିଳାସପୂର୍ଣ୍ଣ କଠୋରୀ ରହିଛି । ଜୋନବାଏ ଦି ପାର୍କ ହୋଟେଲସର ମହାପ୍ରବନ୍ଧକ ତଥା ଜାତୀୟ ମୁଖ୍ୟ ବିକାଶ ଆଲୁୱାଲିଆ ହୋଟେଲ ଶୁଭାରମ୍ଭ ବେଳେ ନିଜ ପ୍ରତିକ୍ରିୟାରେ ପର୍ଯ୍ୟଟନ, କ୍ରୀଡ଼ା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଦ୍ରୁତ ଗତିରେ ବିକାଶ ଆଡ଼କୁ ପାଦ ବଢ଼ାଉଥିବା ଓଡ଼ିଶାରେ ପ୍ରଥମ କରି ନିଜ ଜୋନର ଏକ ଶାଖା ଖୋଲିଥିବାରୁ ବେଶ ଆନନ୍ଦିତ ବୋଲି କହିଛନ୍ତି।

# ମଣିପୁର ଘଟଣା ବିରୋଧରେ ସ୍ମାରକପତ୍ର

ଗଞ୍ଜାମ(ବିଦ୍ୟାଧର ସାହୁ)/ ସୋରଡା(ଲମ୍ବୋଦର ପାଣିଗ୍ରାହୀ)୨୫।୭




ସୋରଡାରେ ପ୍ରତିବାଦ ଜଣାଯାଉଛି।

ମଣିପୁରରେ ୨ ଆଦିବାସୀ ମହିଳାଙ୍କୁ ଉଲଗ୍ନ କରି ରାସ୍ତାରେ ଚଲାଇବା ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଛି। ସଭ୍ୟ ସମାଜରେ ଏଭଳି ବର୍ବରକାଣ୍ଡକୁ ଚାରିଆଡେ ନିନ୍ଦା କରାଯାଉଛି। କେନ୍ଦ୍ର ଟ୍ରେଡ଼ ୟୁନିୟନ ଅଖିଳ ଭାରତ କୃଷକ ସଭା ଅନୁବନ୍ଧିତ ଓଡିଶା କୃଷକ ସଭା ଏବଂ କ୍ଷେତ ମଜଦୁର ୟୁନିୟନ ଏହି ଘଟଣାର ପ୍ରତିବାଦ କରିଛି । ମଙ୍ଗଳବାର ବିଭିନ୍ନ ସ୍ଥାନରେ ଏହାର ପ୍ରତିବାଦ ସହ ସ୍ମାରକପତ୍ର ଦିଆଯାଇଛି। ଓଡିଶା କୃଷକ ସଭା ଜିଲା ସଭାପତି ତଥା ରାଜ୍ୟ ଉପସଭାପତି ପି ହରେକୃଷ୍ଣ ରେଡ଼ିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଗଞ୍ଜାମ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବା ସହ ପ୍ରଧାନମନ୍ତ୍ରୀ ଓ ମଣିପୁର ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏଥିରେ କୃଷକ ସଭା ଜିଲା ସଭାପତି ହରେକୃଷ୍ଣ ରେଡ୍ଡୀ, କ୍ଷେତ ମଜଦୁର ୟୁନିୟନ ଜିଲା ସଭାପତି ପଦ୍ମ ଚରଣ ପ୍ରଧାନ, ଦଳିତ ନେତା ରାମଚନ୍ଦ୍ର ନାୟକ, କୃଷକ ସଭା ଜିଲା ସମ୍ପାଦକ ଅଜୟ ଗୌଡ଼, କ୍ଷେତ ମଜଦୁର ସମ୍ପାଦକ ଖଲି ତରାଇ, ଅବସରପ୍ରାପ୍ତ ପ୍ରିନ୍ସପାଲ ଦଣ୍ଡପାଣି ମହାପାତ୍ର, ସରପଞ୍ଚ ବୈରାଗୀ ବେହେରା, ତ୍ରିନାଥ ବେହେରା, କୃଷ୍ଣ ଚନ୍ଦ୍ର ସାହୁଙ୍କ ସମେତ ଶତାଧିକ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସେହିପରି ସୋରଡ଼ା ତହସିଲ ଆଗରେ ମଧ୍ୟ ପ୍ରତିବାଦ କରାଯାଇଛି। ଜିଲା ଅଖିଳ ଭାରତ କିଷାନ ମଜଦୁର ସଭା, ଅଖିଳ ଭାରତ ଆଦିବାସୀ ସଂଘ ଏବଂ ଦଳିତ ଅଖିଳ ଭାରତ ଆଦିବାସୀ ସଂଘର ଆବାହକ ସୁବାସ ଗମାଙ୍ଗ, ବଗ ଗମାଙ୍ଗ, ଅଖିଳ ଭାରତ କିଷାନ ମଜଦୁର ସଭା ରାଜ୍ୟ ସମ୍ପାଦକ ପ୍ରତାପ କୁମାର ନାୟକ, ବ୍ଲକ ସଭାପତି କାଳୀ ଚରଣ ନାୟକ, ପାଣ୍ଡା ନାୟକ, ଦଳିତ ମହାସଂଘର ଆବାହକ ସଂଗ୍ରାମ ନାୟକ ପ୍ରମୁଖ ମଣିପୁରରେ ଦଙ୍ଗାକାରୀଙ୍କୁ ଗିରଫ ଦାବି ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇଥିଲେ।

## ଭାଜପାର ଜନ ସମ୍ପର୍କରୁ ଜନସମର୍ଥନ କାର୍ଯ୍ୟକ୍ରମ

ରାଇକିଆ,୨୫।୭(ପ୍ରଦୀପ ବେହେରା)- ରାଇକିଆ ଭାଜପା ତରଫରୁ କେନ୍ଦ୍ର ସରକାରଙ୍କ ୯ ବର୍ଷର ରିପୋର୍ଟ କାର୍ଡକୁ ନେଇ ଜନସମ୍ପର୍କରୁ ଜନସମର୍ଥନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଳୀୟ କର୍ମକର୍ତ୍ତାମାନେ ରାଇକିଆ ସଦର ସମେତ ବ୍ଲକର ବିଭିନ୍ନ ପଞ୍ଚାୟତରେ ଘରକୁ ଘର ବୁଲି କାର୍ଡ/ପତ୍ରିକା ବଣ୍ଟନ କରିବା ସହ ସରକାରଙ୍କ ବିଭିନ୍ନ ସଫଳତା ସମ୍ପର୍କରେ ଜନ ସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ଅଭିଯାନରେ ଜିଲା ସଭାପତି ଜଗନ୍ନାଥ ସାହୁ, ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ, ଜିଲା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ସନ୍ତୋଷ ଲେଙ୍କା, ମଣ୍ଡଳ ସଭାପତି ନାରାୟଣ ପାତ୍ର, ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ ପାତ୍ର, ସୁରେଶ ଚନ୍ଦ୍ର ବିଶ୍ୱାଳ, ଅଭିମନ୍ୟୁ ପଣ୍ଡା, ଘନଶ୍ୟାମ ପ୍ରଧାନ, ଡମ୍ବରୁଧର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ସାଉଥ୍‌କୋ ୟୁଟିଲିଟି ଏସ୍‌ସି, ଏସ୍‌ଟି କର୍ମଚାରୀ କଲ୍ୟାଣ ସଂଘର ପୂର୍ତ୍ତି

ବ୍ରହ୍ମପୁର,୨୫।୭(ସ୍ମୃତି ରଞ୍ଜନ ମହାଲିକ)

ସାଉଥକୋ ୟୁଟିଲିଟି ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘର ୨ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ରୂପେ ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାରଣା ଯୋଗ ଦେଇଥିଲେ। ସଂଘର ବରିଷ୍ଠ ସାଧାରଣ ପରିଚାଳନ ଇଂ ପ୍ରମୋଦ କୁମାର ଚୌଧୁରୀ, ଇଂ ରୋହିତ କୁମାର ସେଠୀ, ଇଂ ଚମନ ଲାକ୍ରା, ଅର୍ଜୁନ ଭାତ୍ରା, ସଂଘର ସଭାପତି ଇଂ ବିଦୁର ବେହେରା, ସାଧାରଣ ସଂପାଦକ କ୍ଷୀରୋଦ କୁମାର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସଂଘର ସର୍କଲ ସଂପାଦକ ଭାବେ ଆଲୋକ ବେହେରାଙ୍କୁ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ ଓଆରଭି ଆଇନ କାର୍ଯ୍ୟକାରୀ ନେଇ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସାଧାରଣ ସଂପାଦକ କହିଥିଲେ। ତତସହିତ ମୁଖ୍ୟ ଅତିଥିଙ୍କ ଦ୍ୱାରା ଅବସରପ୍ରାପ୍ତ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାଳନ୍ଦୀ ବେହେରା, ରମେଶ ତରାଇ, ଶ୍ରୀଧର ନାୟକ, ପି ଆପାନା ଓ ଦଣ୍ଡପାଣି ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଗୋପନରେ ଚାଲିଛି ବାଲ୍ୟ ବିବାହ

■ ଦାରିଦ୍ର୍ୟ, ନିରକ୍ଷର, ସଚେତନତା ଅଭାବ
■ ମଠ, ମନ୍ଦିର ଓ ଧର୍ମାନୁଷ୍ଠାନରେ ରାତିରେ ହେଉଛି ବିବାହ
■ ପ୍ରଶାସନ ପକ୍ଷରୁ ୨ ବର୍ଷରେ ୨୦ ବାଲ୍ୟ ବିବାହ ରୋକାଯାଇଛି
■ ବିବାହ ପାଇଁ ରାଜ୍ୟ ବାହାରକୁ ଯାଉଛନ୍ତି



ମହାକାଳପଡ଼ା, ୨୫।୭
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଦିନକୁଦିନ ବାଲ୍ୟ ତଥା ନାବାଳିକା ବିବାହ ବୃଦ୍ଧି ପାଇବାରେ ଲାଗିଛି। ଏହା ଏକ ସାମାଜିକ ବ୍ୟାଧି ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ବ୍ଲକର ବିଶେଷକରି ଉପକୂଳର ଉପାନ୍ତ ଅଞ୍ଚଳରେ ବିବାହ ଗୋପନରେ ଚାଲିଛି। କେତେଜଣ ଦାରିଦ୍ର୍ୟ, ନିରକ୍ଷର ଓ ସଚେତନତା ଅଭାବରୁ ଅନୁସୂଚିତ ଜନଜାତି ସମ୍ପ୍ରଦାୟରେ ଅଧିକ ଦେଖିବାକୁ ମିଳୁଛି। ପ୍ରଶାସନ ଭୟରେ ସେହିପରି କେତେକ ପରିବାର ଲୋକଙ୍କ ସହମତିରେ ନିଜ ନାବାଳିକା ଝିଅକୁ ଗୋପନରେ ରାତିରେ ମଠ, ମନ୍ଦିରରେ ବ୍ରାହ୍ମଣଙ୍କୁ ଡକାଇ ତରବରିଆ ଭାବେ ବିବାହ ହେଉଛି। ଗତ ଶନିବାର ନିକଟ ଗ୍ରାମରେ ବାଲ୍ୟ ବିବାହ ଉଦ୍ୟମ ହେଉଥିବା ନେଇ ମହାକାଳପଡ଼ା ବ୍ଲକ ମହିଳା ଶିଶୁ ବିକାଶ ତଥା ବାଲ୍ୟ ବିବାହ ନିରାକରଣ ଅଧିକାରିଣୀ କବିତା ମଲ୍ଲିକଙ୍କ ନିକଟରେ ଖବର ପହଞ୍ଚିଥିଲା। ଅଧିକାରିଣୀ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଏକ କମିଟି ଉକ୍ତ ଗାଁରେ ପହଞ୍ଚି ବିବାହ ରୋକିବା ସହ ଉଭୟଙ୍କୁ ଜିଲା ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଇଥିଲେ। ସେହିପରି ଜୁନ୍ ମାସରେ ଏକ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ବାଲ୍ୟ ବିବାହକୁ ରୋକାଯାଇଥିଲା। ଏହି ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି ଓ ସମାଜରେ ଏହା ପ୍ରଭାବ ପକାଇବ। ଏଥିରେ ସମ୍ପୃକ୍ତ ଥିବା ପରିବାରକୁ ଆଇନ ଅନୁଯାୟୀ, କାର୍ଯ୍ୟାନୁଷ୍ଠାନ ନିଆଯିବ। ମହାକାଳପଡାରେ ୨ ବର୍ଷ ମଧ୍ୟରେ ୨୦ରୁ ଅଧିକ ବାଲ୍ୟ ବିବାହ ରୋକାଯାଇଛି। ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ମଲ୍ଲିକ କହିଛନ୍ତି। ଅପରପକ୍ଷରେ ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀମାନଙ୍କୁ ସ୍ଥାନୀୟ ଲୋକମାନଙ୍କୁ ସଚେତନ କରାଇବାକୁ କୁହାଯାଇଛି। ସମସ୍ୟା ସମାଧାନ ପାଇଁ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି ବୋଲି ସୂଚନା ଦେଇଛନ୍ତି।

ଅପରପକ୍ଷରେ ଉପକୂଳ ଅଞ୍ଚଳରେ ବାଲ୍ୟ ବିବାହ ଅତି ଗୋପନରେ ଚାଲିଛି ବୋଲି କୁହାଯାଇଛି। କାରଣ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ମଧ୍ୟରେ ବାଲ୍ୟ ବିବାହ ଝିଅକୁ ୧୨ରୁ ୧୫ ବର୍ଷ ହେଲେ ପରିବାର ସହମତିରେ କରାଇ ଦିଆଯାଉଛି। ବିଶେଷକରି ଯେଉଁ ପରିବାର ଏହି ବାଲ୍ୟ ବିବାହ ଉଦ୍ୟମ କରୁଛନ୍ତି ସେମାନେ ଆର୍ଥିକ ଦୁର୍ବଳ ଶ୍ରେଣୀର। ଅନେକ ସମୟରେ ସ୍ଥାନୀୟ ଦଲାଲଙ୍କ ସହାୟତାରେ ପରିବାର ଲୋକମାନେ ନାବାଳିକା ଝିଅମାନଙ୍କୁ ଉତ୍ତର ପ୍ରଦେଶର ଝାନ୍ସୀ, ମଥୁରା, ବୃନ୍ଦାବନ, ବାରାଣସୀ, ଆଗ୍ରା ଓ କୋଲକାତା, ମୁର୍ସିଦାବାଦ ଆଦି ଅଞ୍ଚଳର ବୟସ୍କ ଲୋକମାନଙ୍କ ସହ ବିବାହ କରାଯାଉଥିବା ନଜିର ରହିଛି। ସେଠାରେ ମଧ୍ୟ ନାବାଳିକା ଝିଅମାନେ ମାତୃତ୍ୱ ଲାଭ କରିବା ପରେ ଶାରୀରିକ ଓ ମାନସିକ ନିର୍ଯାତନା ସହି ନ ପାରି ନିଜ ବାପ ଘରକୁ ଫେରୁଥିବା ନଜିର ରହିଛି। ତେବେ ୨୦୧୭ରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ନାବାଳିକା ବିବାହର ଶୁଣାଣି କରି ରୋକ ଲଗାଇଥିଲେ। ରାୟରେ ନାବାଳିକା ସ୍ତ୍ରୀଙ୍କ ସହ ବିବାହ କରିବା ଏକ ଧର୍ତ୍ତବ୍ୟ ଅପରାଧ। ନାବାଳିକା ବିବାହ କରିବା ଓ ଶାରୀରିକ ଯୌନ ସମ୍ପର୍କ ରଖିବା ଏହା ଏକ ବଳାତ୍କାର ମାମଲା ଭାବେ ଗ୍ରହଣ କରାଯିବ। ଆଇନ ଅନୁସାରେ ଆପରାଧିକ ବିବେଚନା କରାଯିବ। ଏହି ମାମଲାରେ ପୋକ୍ସୋ ଆଇନ ରୁଜୁ କରିବାକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଛି। ଏହି ମାମଲାରେ ଜଡିତ ଥିବା ଲୋକଙ୍କୁ କଠୋର ଦଣ୍ଡ ବ୍ୟବସ୍ଥା ରହିଛି। ଏହାକୁ କଡ଼ାକଡ଼ି ପାଳନ କରିବା ପାଇଁ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ନାବାଳିକା ଝିଅମାନେ ବିବାହ ପରେ ସ୍ୱଳ୍ପ ବୟସରୁ ଗର୍ଭ ଧାରଣ କଲେ ମା' ଓ ଶିଶୁ ପ୍ରତି ବିପଦ ରହିଛି। ବିଶେଷ କରି ବ୍ଲକର ବଡିଘର, ଖରିନାସୀ, ରାମନଗର, ପେଟଛେଲା, ବଉଳକଣି, ଜମ୍ବୁ, କେବି ଦାଣ୍ଡୁଆ, ନାଞ୍ଚୁରା, ସୁନିତି, ଗୋଗୁଆ ଆଦି ପଞ୍ଚାୟତରେ ନାବାଳିକା ବିବାହ ବୃଦ୍ଧି ପାଉଛି।

# ଭିତରକନିକାରେ ୩୦ ହଜାର ଦେଶୀୟ ପକ୍ଷୀଙ୍କ ଭିଡ଼



ରାଜନଗର ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଭିଡ଼।

ରାଜନଗର,୨୫।୭(ଭାସ୍କର ରାଉତରାୟ)

ବର୍ଷାଋତୁ ଆରମ୍ଭ ହେବା ପରେ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଗହଳି ଲାଗିଛି। ଭିତରକନିକା ଏବେ ଦେଶୀୟ ପକ୍ଷୀଙ୍କ କାକଳିରେ କୋଳାହଳମୟ ହୋଇଉଠିଛି। ଭିତରକନିକାର ମଠଆଡ଼ିଆ, ଦୁର୍ଗାପ୍ରସାଦଡ଼ିଆ ଓ ଲକ୍ଷ୍ମୀପ୍ରସାଦଡ଼ିଆରେ ଏବେ ପ୍ରାୟ ୩୦ ହଜାରରୁ ଅଧିକ ପକ୍ଷୀ ଭିଡ଼ ଜମାଇ ସାରିଲେଣି। ଆଉ ୫ଦିନ ପରେ ଭିତରକନିକା ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବାକୁ ଯାଉଥିବା ବେଳେ ଦେଶୀୟ ପକ୍ଷୀଙ୍କ ଭିଡ ଭିତରକନିକାର ଶୋଭାକୁ ଦ୍ୱିଗୁଣିତ କରିଛି।

ବର୍ଷାଋତୁ ଆସିଲେ ଭିତରକନିକାକୁ ଦେଶୀୟ ପକ୍ଷୀମାନଙ୍କର ଆଗମନ ହୋଇଥାଏ। ମା'ପକ୍ଷୀମାନେ ବସା ନିର୍ମାଣ କରି ବସାରେ ଅଣ୍ଡା ଦେଇ ଛୁଆ ଫୁଟାଇବା ପରେ ଛୁଆମାନଙ୍କୁ ସାଙ୍ଗରେ ଧରି ଶୀତଋତୁ ଆରମ୍ଭରେ ଫେରି ଯାଇଥାନ୍ତି। ମୌସୁମୀର ଆଗମନରେ ଖାଦ୍ୟ ସଂଗ୍ରହ, ବଂଶ ବିସ୍ତାର ଓ ଭିତରକନିକାରେ ରହିଯାଇଥିବା ବିଦେଶାଗତ ପକ୍ଷୀମାନଙ୍କ ସହ ବନ୍ଧୁତ୍ୱ ସ୍ଥାପନ ପାଇଁ ଦେଶୀୟ ପକ୍ଷୀମାନେ ଏଠାକୁ ଛୁଟି ଆସନ୍ତି। ଭିତରକନିକାର ମଠଆଡ଼ିଆ, ଦୁର୍ଗାପ୍ରସାଦଡ଼ିଆ ଓ ଲକ୍ଷ୍ମୀପ୍ରସାଦଡ଼ିଆରେ ଗେଣ୍ଡାଳିଆ, ପାଣିକୁଆ, ଖଇରା, ଅଞ୍ଜନା, ରାଣୀବଗ, ମଝିଆବଗ, ବଡ଼ବଗ, କାପରଖାଇ, ଅନ୍ଧାରିଆବଗ, ମାଛରଙ୍କା ପ୍ରଭୃତି ୧୦ ପ୍ରକାରର ଦେଶୀୟ ପକ୍ଷୀ ଭିଡ଼ ଜମାଇଛନ୍ତି। ଏହି ଦେଶୀୟ ପକ୍ଷୀ ବନୀ, ଗୁଆଁ, ସିଙ୍ଗଡା, ରାଇ, ସିନ୍ଦୁକା, କେରୁଆଁ ଆଦି ଗଛରେ ବସା ବାନ୍ଧୁଥିବାର ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଛି। ମଠଆଡ଼ିଆରେ ଅଧିକ ସଂଖ୍ୟାରେ ଗେଣ୍ଡାଳିଆ ବସା କରିଥିବା ବେଳେ ଦୁର୍ଗାପ୍ରସାଦଡ଼ିଆରେ ବଗ ଓ ପାଣିକୁଆ ଅଧିକ ସଂଖ୍ୟାରେ ବସା ବାନ୍ଧିଛନ୍ତି। ଲକ୍ଷ୍ମୀପ୍ରସାଦଡ଼ିଆରେ ସବୁ ପ୍ରଜାତିର ପକ୍ଷୀ ବସା ବାନ୍ଧିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦେଶୀୟ ପକ୍ଷୀ ବଗଗହନରେ ଭିଡ଼ ଜମାଉ ଥିଲେ। ସେହି ସ୍ଥାନରେ ପର୍ଯ୍ୟଟକମାନେ ଦେଶୀୟ ପକ୍ଷୀଙ୍କୁ ଦେଖିବାକୁ ୱାଚଟାୱାର ମଧ୍ୟ ନିର୍ମାଣ କରାଯାଇଥିଲା। ମାତ୍ର ଲଗାତର ୬ ବର୍ଷ ହେଲା ବଗଗହନରେ ଗୋଟିଏ ବି ପକ୍ଷୀ ବସା ବାନ୍ଧୁନାହାନ୍ତି କିମ୍ବା ଭିଡ଼ ଜମାଉନାହାନ୍ତି।

# ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା, ସ୍ୱାମୀ ଅଟକ

## ୨ ବର୍ଷ ତଳେ ହୋଇଥିଲା ବିବାହ



ସ୍ୱର୍ଣ୍ଣଲତା ଜେନା

ଯାଜପୁର ସଦର,୨୫।୭
(ସମର ବିଜୟ ସରଣ):

ଯାଜପୁର ବ୍ଲକ ଅନ୍ତର୍ଗତ ନାଥସାହି ପଞ୍ଚାୟତ ଆଦମପୁର ଗ୍ରାମରେ ଅଧିକ ଯୌତୁକ ପାଇଁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ୨ ବର୍ଷ ତଳେ ଏହି ଗାଁର ବାଇଧର ଯେନାଙ୍କ ପୁଅ ମନୋଜ ଜେନାଙ୍କୁ ଦଶରଥପୁର ବ୍ଲକ ଅନ୍ତର୍ଗତ ବାବଲପୁର ଗ୍ରାମର ନିରଞ୍ଜନ ଜେନାଙ୍କ ଝିଅ ସ୍ୱର୍ଣ୍ଣଲତା ଜେନା ବିବାହ କରିଥିଲେ। ବିବାହ ସମୟରେ ବର ପକ୍ଷର ଦାବି ମୁତାବକ ଜାନି ଯୌତୁକ, ସୁନାଗହଣା ଓ ନଗଦ ୯୦ ହଜାର ଟଙ୍କା ଦିଆଯାଇଥିଲା। ବିବାହର ୬ ମାସ ଖୁବ୍ ଭଲରେ ଚାଲିଥିଲା। ଏହାପରେ ଅଧିକ ଯୌତୁକ ଦାବିକରି ଶାଶୁଘର ଲୋକେ ସ୍ୱର୍ଣ୍ଣଲତାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏକଥା ସ୍ୱର୍ଣ୍ଣଲତା ତାଙ୍କ ଘରେ ଜଣାଇଥିଲେ। ଆଉ ୧ ଲକ୍ଷ ଟଙ୍କା ଆଣିବାକୁ ଶାଶୁଘର ଲୋକେ ଚାପ ପକାଉଛନ୍ତି ବୋଲି ସେ କହିଥିଲେ।

ମାତ୍ର ମଙ୍ଗଳବାର ସକାଳେ ସ୍ୱର୍ଣ୍ଣଲତାଙ୍କ ଶଶୁର ବାଇଧର ସ୍ୱର୍ଣ୍ଣଲତାଙ୍କ ବାପାଙ୍କୁ ଜଣାଇଥିଲେ ଯେ, ତୁମ ଝିଅ ବେହୋସ ହୋଇଯାଇଛନ୍ତି। ଆମେ ତାଙ୍କୁ ଯାଜପୁର ମେଡିକାଲକୁ ଆଣିଛୁ। ତୁମେ ଶୀଘ୍ରଆସ। ଏକଥା ଜାଣିବା ପରେ ସ୍ୱର୍ଣ୍ଣଲତାଙ୍କ ବାପା ମେଡିକାଲକୁ ଆସି ଝିଅର ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ତାଙ୍କ ବେକ ଓ ହାତରେ ଦାଗ ରହିଥିଲା। ତେଣୁ ଝିଅକୁ ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ମାରିଦେଇଛନ୍ତି ବୋଲି ସେ ଯାଜପୁର ସଦର ଥାନାରେ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏନେଇ ଥାନାରେ ନଂ.୧୯୯/୨୩ରେ ଏକ ମାମଲା ରୁଜୁ ହୋଇଛି।

# ୩ ଦଶନ୍ଧିରେ ହଜିଲାଣି ୭୦ ପ୍ରତିଶତ ହସ୍ତତନ୍ତ ଶିଳ୍ପ

■ ଚାହିଦା ମୁତାବକ ମିଳୁ ନାହିଁ ରୋଜଗାର
■ ୭ ହଜାରରୁ ଊର୍ଦ୍ଧ୍ୱ କାରିଗରଙ୍କ ରୋଜଗାର ନାହିଁ



ଡେରାବିଶ ବ୍ଲକ କୁଶିଆପାଳରେ ଜଣେ ମହିଳା ତନ୍ତରେ ଲୁଗା ବୁଣୁଛନ୍ତି।

କେନ୍ଦ୍ରାପଡ଼ା, ୨୫।୭ (ଜଗନ୍ନାଥ ଧଳ)

ଅତ୍ୟାଧୁନିକ ମେଶିନ ଓ ଉନ୍ନତ ସୂତା ପାଇଁ କେନ୍ଦ୍ରାପଡ଼ା ଜିଲାର ପୁରାତନ ହସ୍ତତନ୍ତ ଶିଳ୍ପ ଡୁବିଯାଇଛି। ୩ ଦଶନ୍ଧି ମଧ୍ୟରେ ପ୍ରାୟ ୭୦ ପ୍ରତିଶତ କାରିଗର ହସ୍ତତନ୍ତ ମାଧ୍ୟମରେ ଉତ୍ପାଦନ କରିବା ଛାଡ଼ି ଦେଇଛନ୍ତି। କେନ୍ଦ୍ରାପଡ଼ା ଧୋତି, ଗାମୁଛା ଓ ଲୁଗାର ସାମଗ୍ରିକ ମୂଲ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ଆଲୋଚନା ହେଉଥିଲେ ମଧ୍ୟ କାରିଗର ଏହି ବୃତ୍ତି ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଏଠାରେ ତନ୍ତ ବ୍ୟବସାୟ ସେବା ସମିତି ଏବେ ଇତିହାସ ହେବାକୁ ବସିଛି।

କୁଶିଆପାଳ ଗ୍ରାମର କାରିଗର ତପନ ସାହୁ କହିଛନ୍ତି, କୁଶିଆପାଳ, ଡିହସାହି, ହରିପୁର, କୋରୁଆ, କୁତରଙ୍ଗ, କେଉଟଗଡ଼ା ଆଦି ଗ୍ରାମରେ ଜିଲାର ୧୦ହଜାରରୁ ଅଧିକ କାରିଗର ତନ୍ତ ଉପରେ ନିର୍ଭର କରି ଚଳୁଥିଲେ। କପ୍ତା, ଗାମୁଛା, ଧୋତି, ଚାଦର ଆଦିର ଚାହିଦା ଦେଶ ବିଦେଶରେ ଥିଲା। ସ୍ୱାଧୀନତା ସଂଗ୍ରାମ କାଳରେ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀଙ୍କ ଉଦ୍ୟମରେ ଏକ ଶିକ୍ଷାନୁଷ୍ଠାନରେ ଏହି କୌଳିକ ବୃତ୍ତିକୁ ସାମିଲ କରି ଏଠାରେ ମୌଳିକ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ସାମ୍ପ୍ରତିକ ସମୟରେ ହସ୍ତତନ୍ତ ସାମଗ୍ରୀର ଚାହିଦା ସତ୍ତ୍ୱେ ସରକାରୀ ପ୍ରୋତ୍ସାହନ ଅଭାବରୁ ଏହି କୁଟୀର ଶିଳ୍ପ ବନ୍ଦ ହୋଇଯାଇଛି। କୋରୁଆ ଗ୍ରାମର ନାରାୟଣ ଭଦ୍ର କହିଛନ୍ତି, ହସ୍ତତନ୍ତ ସାମଗ୍ରୀର ଚାହିଦା ରାଜ୍ୟ ସମେତ ଦେଶ ବିଦେଶରେ ଅଛି। କୃଷି ପରେ ଅର୍ଥନୈତିକ ଅଭିବୃଦ୍ଧି ପାଇଁ କେନ୍ଦ୍ରପଡ଼ା ଜିଲାର ପ୍ରାୟ ୩ ହଜାର କାରିଗର ଏବେ ବି ହସ୍ତତନ୍ତ ସାମଗ୍ରୀ ନିର୍ମାଣରେ ପ୍ରତ୍ୟହ କର୍ମବ୍ୟସ୍ତ ଥାନ୍ତି। କରୋନା ସଂକ୍ରମଣ ଭୟ ଏହି ବ୍ୟବସାୟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଥିଲା। ଏବେ କେତେଜଣ କାରିଗର ତନ୍ତରେ ବୁଣାବୁଣି ଆରମ୍ଭ କରିଛନ୍ତି। ତେବେ କ୍ରମାଗତ ଭାବେ ତନ୍ତ ଉପରେ ନିର୍ଭର କରି ଆର୍ଥିକ ସ୍ୱଚ୍ଛଳତା ହାସଲ କରିବାକୁ ନେଇ କାରିଗରଙ୍କ ଭରସା ତୁଟୁଛି। ଏଥିରୁ ହେଉଥିବା ଆୟ ପରିବାର ଭରଣପୋଷଣ ଯୋଗ୍ୟ ହୋଇ ରହିନାହିଁ। ଯୁବବର୍ଗ ଏବେ କର୍ମନିଯୁକ୍ତି ପାଇଁ ତନ୍ତ ଛାଡ଼ି ବିଦେଶକୁ ଯାଉଛନ୍ତି। କୁଶିଆପାଳ ହସ୍ତତନ୍ତ ସମବାୟ ସମିତିର ସଭାପତି ହରେକୃଷ୍ଣ ଦାସ କହିଛନ୍ତି, ବୈଷୟିକ ଜ୍ଞାନକୌଶଳରେ ନିର୍ମିତ ଲୁଗା ବହୁଳ ବିକ୍ରି ହେଉଥିବା ବେଳେ ହସ୍ତତନ୍ତରେ ନିର୍ମିତ ଶାଢ଼ିର ଚାହିଦା ଆଗ ପରି ଅଛି। ବିଶେଷ କରି ବିବାହ, ବ୍ରତ, ପୂଜା ପାର୍ବଣରେ ହସ୍ତତନ୍ତ ସାମଗ୍ରୀର ବିକ୍ରି ଅଧିକ ହୋଇଥାଏ। ଏଥିପାଇଁ ଜିଲାର ବିଭିନ୍ନ ସ୍ଥାନରୁ ବରାଦ କରି ତନ୍ତ ସାମଗ୍ରୀ କ୍ରୟ କରାଯାଉଛି। କୋରୁଆ ଗ୍ରାମର ଅଜୟ କୁମାର ବେହେରା କହିଛନ୍ତି, କାରିଗର ଆବଶ୍ୟକ କଞ୍ଚାମାଲ ପାଇ ପାରୁନାହାନ୍ତି। ସେହିପରି କେତେକ ରାସାୟନିକ ଦ୍ରବ୍ୟର କଟକଣା ପାଇଁ ଉନ୍ନତମାନର ସାମଗ୍ରୀ ନିର୍ମାଣରେ ବାଧା ସୃଷ୍ଟି ହୋଇଛି। ସାମଗ୍ରୀ ଉତ୍ପାଦରେ ବ୍ୟୟ ହେଉଥିବା ଅର୍ଥ ବିକ୍ରି ପରେ ଆଶାନୁରୂପ ଲାଭ ହେଉନାହିଁ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜର ଖେଳ ଶାଢ଼ି ପିନ୍ଧିବା ଅଥବା ସମ୍ବଲପୁରୀ ପିନ୍ଧିବା ଦ୍ୱାରା ସେହି ବସ୍ତ୍ରର ପ୍ରଚାର ପ୍ରସାର ହୋଇପାରୁଛି। ତେବେ କେନ୍ଦ୍ରାପଡ଼ା ହସ୍ତତନ୍ତର ପ୍ରଚାର ପ୍ରସାର ପାଇଁ ଜିଲା ପ୍ରଶାସନ, ରାଜ୍ୟ ସରକାରଙ୍କର କୌଣସି ଉଦ୍ୟମ ନାହିଁ। ଏହାର ଚାହିଦା କମୁଥିବାରୁ ଏହି ପୁରାତନ କୁଟୀର ଶିଳ୍ପ ନଷ୍ଟ ହେବାକୁ ବସିଛି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ରାଜ୍ୟ ସରକାର ହସ୍ତତନ୍ତକୁ ଗୁରୁତ୍ୱ ଦେଇଛନ୍ତି। ଖଦି ବୋର୍ଡ ଓ ବୟନିକା ମାଧ୍ୟମରେ ଏହାର ପ୍ରଚାର ପ୍ରସାର କରାଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନିକଟରେ ବୟନିକାକୁ ୧୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ଅର୍ଥରେ କାରିଗରଙ୍କଠାରୁ ହସ୍ତତନ୍ତ ସାମଗ୍ରୀ କିଣାଯାଉଛି। ଏହାଦ୍ୱାରା ଜିଲାରେ ଥିବା କାରିଗରମାନେ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି।

# ଦଶମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

ପାଟକୁରା,୨୫।୭
(ରବୀନ୍ଦ୍ରନାଥ ବାରିକ)

ପାଟକୁରା ଥାନା ଅନ୍ତର୍ଗତ ଗରଦପୁର ବ୍ଲକ ଅଧୀନ ବେଢ଼ାରୀ ଗାଁର ପବିତ୍ର ସାହୁଙ୍କ ସାନ ପୁଅ ପଙ୍କଜ (୧୪) ମଙ୍ଗଳବାର ଭୋରୁ ବିଷ ଖାଇ ଆତ୍ମହତ୍ୟା କରିଛନ୍ତି। ସେ ପାଟକୁରା ହାଇସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ସେ ବିଷ ଖାଇ ଅସୁସ୍ଥ ହୋଇ ପଡ଼ିବା ପରେ ତାଙ୍କୁ ତୁରନ୍ତ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ତୁରନ୍ତ କେନ୍ଦ୍ରପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଅବସ୍ଥା ଅଧିକ ଖରାପ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡ଼ାକ୍ତର ପଙ୍କଜଙ୍କୁ ମୃତ ଘୋଷଣା କରିଥିଲେ। ପଙ୍କଜଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ବେଢ଼ାରୀ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସେ ଜଣ ଭଲ ଛାତ୍ର ଥିଲେ। ତାଙ୍କର ଶେଷ ଦର୍ଶନ ପାଇଁ ପାଟକୁରା ହାଇସ୍କୁଲର ସମସ୍ତ ବିଦ୍ୟାର୍ଥୀ ଓ ଶିକ୍ଷୟିତ୍ରୀଶିକ୍ଷକ ତାଙ୍କଘରକୁ ଆସିଥିଲେ। ତେବେ ପଙ୍କଜ କ'ଣ ପାଇଁ ବିଷ ଖାଇ ଆତ୍ମହତ୍ୟା କଲେ ତାହା ଜଣାପଡିନାହିଁ। ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ପ୍ରଦୀପ



@ ସିତୁନ



@ ସୁମନ୍ତ



@ ପ୍ରଫୁଲ୍ଲ



@ ସଛୀନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଇଓଙ୍କ କାରଣ ଦର୍ଶାଅ ନୋଟିସ

**ଉପନିର୍ବାଚନବେଳେ ସ୍କୁଲରେ ବିଧାୟକଙ୍କ ଜନ୍ମଦିନ ପାଳନ ଘଟଣା**

ଧର୍ମଶାଳା,୨୫।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ କୋତପୁର ପଞ୍ଚାୟତସ୍ଥିତ ବଜ୍ରଗିରି ପ୍ରକଳ୍ପ ବିଦ୍ୟାଳୟରେ ସ୍କୁଲ୍ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଜନ୍ମଦିନ ପାଳନକୁ ନେଇ ବିବାଦ ଦେଖାଦେଇଛି। ଉପନିର୍ବାଚନବେଳେ ଏଭଳି କରାଯାଇଥିବାରୁ ବ୍ଲକ୍ ଶିକ୍ଷାଧିକାରୀ(ବିଇଓ)ଙ୍କ ପକ୍ଷରୁ ସମ୍ପୃକ୍ତ ସିଆର୍‌ସିସି ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଗଣମାଧ୍ୟମରୁ କାର୍ଯ୍ୟକ୍ରମ ସମ୍ପର୍କରେ ଜଣାପଡ଼ିବା ପରେ ବ୍ଲକ ଶିକ୍ଷାଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି ଏହି ନୋଟିସ ଦେଇଥିବା କହିଛନ୍ତି।

ଉକ୍ତ ବ୍ଲକ୍ ଅଧୀନ ୧୫ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀଙ୍କ ବିୟୋଗ ପରେ ସେଠାରେ ଅଗଷ୍ଟ ୯ରେ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏଥିଲାଗି ନିର୍ବାଚନୀ ମାଇଦାନରେ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୯ ପଞ୍ଚାୟତକୁ ନେଇ ଗଠିତ ଏହି ଜୋନରେ ଏବେ ନିର୍ବାଚନ ଆଚରଣବିଧି ଲାଗୁ ହୋଇଛି। ମାତ୍ର ଜୋନ ଅଧୀନରେ ଥିବା ବଜ୍ରଗିରି ପ୍ରକଳ୍ପ ବିଦ୍ୟାଳୟରେ ଗତ ରବିବାର ଛାତ୍ର ବିଜେଡି ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ବିଧାୟକଙ୍କ ଜନ୍ମ ଦିନ ପାଳନ ହୋଇଥିବାରୁ ଏହା ନିର୍ବାଚନ ଅଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। କଂଗ୍ରେସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ଧର୍ମଶାଳା ବିଡିଓଙ୍କୁ ଅବଗତ କରାଯାଇଛି ବୋଲି ବ୍ଲକ କଂଗ୍ରେସ ସଭାପତି ସୂଚନା ଦେଇଛନ୍ତି।

# ସୁନାଖଳା-ରଣପୁର ରାସ୍ତା ୫ଘଣ୍ଟା ଅବରୋଧ

ରଣପୁର,୨୫।୭
(ସୁକାନ୍ତ କିଶୋର ଡାକୁଆ)


ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିଛନ୍ତି ।

- ସାମିଲ ହେଲେ ୨୬ ଗାଁର ଲୋକେ
- ଅଧାପନ୍ତରିଆ ରାସ୍ତା କାମକୁ ନେଇ ଜନ ଅସନ୍ତୋଷ
- ପୂର୍ତ୍ତ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ୍

ରାସ୍ତା ନିର୍ମାଣରେ ବିଳମ୍ବକୁ ନେଇ ୫ଘଣ୍ଟା ସୁନାଖଳା-ରଣପୁର ରାସ୍ତା ଅବରୋଧ କରାଯାଇଥିଲା । ଏହି ଆନ୍ଦୋଳନରେ ୨୬ଗାଁର ଲୋକେ ସାମିଲ ହୋଇଥିଲେ। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଶେଷରେ ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା ।

ସୂଚନା ଅନୁଯାୟୀ, ପୂର୍ତ୍ତ ବିଭାଗ ଅଧୀନ ନୟାଗଡ଼ ଜିଲା ରାଜସୁନାଖଳା-ରଣପୁର ୧୩ କିମି ମୁଖ୍ୟରାସ୍ତା ମରଣଯନ୍ତା ପାଲଟିଛି। ରାଜ୍ୟ ସରକାର ନୂତନ ରାସ୍ତା ନିର୍ମାଣ ପାଇଁ ୨୦କୋଟି ଟଙ୍କା ମଞ୍ଜୁର କରିଛନ୍ତି । ହେଲେ ରଣପୁର ପୂର୍ତ୍ତ ବିଭାଗ ଏହି କାମ ପାଇଁ ୨ଜଣ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲା। ଜଣେ ସୁନାଖଳାଠାରୁ କୋଇଲିମା ପର୍ଯ୍ୟନ୍ତ ରାସ୍ତା କାମ ଶେଷ କରିଥିଲାବେଳେ ଅନ୍ୟଜଣେ ଠିକାଦାର କୋଇଲିମାଠାରୁ ରଣପୁର ମାଛ ମାର୍କେଟ ଛକ ପର୍ଯ୍ୟନ୍ତ ରାସ୍ତା କାମ ଶେଷ କରିପାରି ନାହାନ୍ତି। ଏଥିଯୋଗୁ ଅଧାପନ୍ତରିଆ ଭାବେ ଦେଢ଼ବର୍ଷ ହେବ ସେହି ରାସ୍ତା ପଡ଼ି ରହିଛି। ପୂର୍ବରୁ ଏହି ରାସ୍ତା ସିଙ୍ଗିଲ ୱେ ଥିଲା । ଅଧିକ ଯାନବାହନ ଚଳାଚଳ ଓ ଲୋକସଂଖ୍ୟା ଦୃଷ୍ଟିରୁ ଚଳିତବର୍ଷ ଏହାକୁ ଓସାରିଆ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। କିନ୍ତୁ ଏଯାବତ ସେହି କାମ ସରିନାହିଁ। ରାସ୍ତା ଓସାରିଆ କରିବା ପାଇଁ ରାସ୍ତାପାର୍ଶ୍ୱ ଗଛ ସବୁ କାଟି ଦିଆଯାଇଛି। ହେଲେ କାମ ହେଉନାହିଁ । ରାସ୍ତାର ଅଧିକାଂଶ ସ୍ଥାନରୁ କଂକ୍ରିଟ ଉଠିଗଲାଣି। ଏହାଦ୍ୱାରା ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଚମ୍ପାତିପୁର ଛକଠାରେ ଥିବା ବ୍ରିଟିଶ ଅମଳର ପୋଲ ବୋଝ ଉପରେ ନଳିତା ବିଡ଼ା ସାଜିଛି । କେଉଁ ମୁହୂର୍ତ୍ତରେ ପୋଲ ଭୁଶୁଡ଼ି ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ନୂତନ ପୋଲ ନିର୍ମାଣ ପାଇଁ ଏକ ଡାଇଭର୍ସନ ତିଆରି ହୋଇଛି । ସେହି ରାସ୍ତା ଦେଇ ଭାରିଯାନ ଚଳାଚଳ କରୁଥିବାରୁ ତାହା ଦବିବାକୁ ବସିଛି। ଯଦି ପ୍ରବଳ ବର୍ଷା ହୁଏ ତେବେ ଡାଇଭର୍ସନ ଧୋଇଯିବ ବୋଲି ଗ୍ରାମବାସୀ କହିଛନ୍ତି। ଏଭଳି ସ୍ଥିତିରେ ତୁରନ୍ତ ସୁଧାର ଆଣିବାକୁ ୨୬ ଗାଁ ଲୋକେ ଏକାଠି ହୋଇ ନୟାଗଡ଼ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ମଙ୍ଗଳବାର ସକାଳୁ ପଞ୍ଚାୟତର ଲୋକମାନେ ଲୋଧାଚୁଆ ଗ୍ରାମପଞ୍ଚାୟତଠାରେ ରାସ୍ତା ଅବରୋଧ କରିବା ସହ ଆନ୍ଦୋଳନ କରିଥିଲେ । ଫଳରେ ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। ଏହାସହିତ ସାଧାରଣ ଲୋକ ଓ ସରକାରୀ କର୍ମଚାରୀମାନଙ୍କୁ ମଧ୍ୟ ଆନ୍ଦୋଳନକାରୀମାନେ ଛାଡ଼ି ନ ଥିଲେ। ଖବର ପାଇ ରଣପୁର ତହସିଲଦାର ଇପ୍‌ସିତା ସାହୁ, ଥାନା ଅଧିକାରୀ ନୀହାର ରଞ୍ଜନ ମହାନ୍ତି, ନୟାଗଡ଼ ପୂର୍ତ୍ତବିଭାଗ ଏସ୍‌ଡିଓ ଅଭିଷେକ ଓଝା ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ଅଗଷ୍ଟ ୧ତାରିଖରେ ରାସ୍ତାକାମ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଅପରାହ୍ଣ ୧ଟାରେ ରାସ୍ତା ଅବରୋଧ ହଟିଥିଲା ।

## ସଂକ୍ଷେପରେ

### ମହାବୀର ମନ୍ଦିରରୁ ଫେରୁଥିବା ବେଳେ ବଜ୍ରପାତ, ଜଣେ ମୃତ

**ଦଶପଲ୍ଲା,୨୫।୭(ପ୍ରକାଶ କୁମାର ପାଣି):** ମଙ୍ଗଳବାର ଦଶପଲ୍ଲାରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦଶପଲ୍ଲା ଉତ୍ତରକବାଟସାହିର ପବିତ୍ର କୁମାର୍ ସିଂ (ଦଣ୍ଡୁ) । ସୂଚନା ଅନୁଯାୟୀ, ପବିତ୍ର ସ୍ୱପ୍ନ ମହାବୀର ମନ୍ଦିରରୁ ଘରକୁ ଫେରୁଥିବା ସମୟରେ ନୂତନ ରେଳ ବ୍ରିଜ ଉପରେ ବଜ୍ରପାତର ଶିକାର ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦଶପଲ୍ଲା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପବିତ୍ର ପ୍ରତିଦିନ ମହାବୀର ମନ୍ଦିର ଆସି ଠାକୁରଙ୍କ ଦର୍ଶନ କରିବା ସହିତ କିଛି ସେବା କାର୍ଯ୍ୟ କରିଥାଆନ୍ତି । ପବିତ୍ରଙ୍କ ପରିବାରକୁ ସହାୟତା ଯୋଗାଇଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

### ଅଜଗର ସାପ ଆତଙ୍କ

**ଖଣ୍ଡପଡ଼ା,୨୫।୭(ଅଜୟ କୁମାର ମହାରଣା):** ସଂପ୍ରତି ବର୍ଷାଋତୁ ଯୋଗୁ ନଦୀନାଳରେ ଜଳ ପତନ ବୃଦ୍ଧି ପାଇଛି। ସବୁଆଡେ ସନ୍ତସନ୍ତିଆ ପରିବେଶ ସୃଷ୍ଟି ହୋଇଛି । ଗ୍ରାମ ପାର୍ଶ୍ୱସ୍ଥ ନଦୀ, ନାଳ ଓ ଘଞ୍ଚ ଜଙ୍ଗଲରୁ ବିଭିନ୍ନ ସରୀସୃପ ଓ ବିଷଧର ସାପ ଜନବସତି ଅଞ୍ଚଳକୁ ଚାଲି ଆସୁଥିବା ପରିଲକ୍ଷିତ ହେଉଛି । ଫଳରେ ସାଧାରଣରେ ଆତଙ୍କ ଖେଳି ଯାଇଛି । କଣ୍ଟିଲୋ ଓ ଏହାର ଆଖପାଖ ନଦୀ କୂଳିଆ ଅଞ୍ଚଳରେ ବିଭିନ୍ନ ପ୍ରଜାତିର ବିଷଧର ସାପ ଜନବସତି ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସରକୁ ଚାଲି ଆସୁଥିବା ଅଭିଯୋଗ ହୋଇଛି । ତେବେ ଗତ ରାତିରେ ଏକ ୧୫ ଫୁଟରୁ ଊର୍ଦ୍ଧ୍ୱ ଲମ୍ବର ଅଜଗର ସାପ ଖଳିସାହି- ଇଚ୍ଛାପୁର ରାସ୍ତା ଅତିକ୍ରମ କରିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କ ନଜରକୁ ଆସିଥିଲା । ସାପଟିକୁ ଦେଖି ଗ୍ରାମବାସୀ ଭୟଭୀତ ହୋଇ ପଡିଥିଲେ । ସାପଟିର ଗତିବିଧି ପ୍ରତି ବନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

### ରାଜପୁର-ଗାଙ୍ଗୁଡିପଙ୍କାଲ ରାସ୍ତା ବିଚ୍ଛିନ୍ନ

**ମୋହନା,୨୫।୭(ମନ୍ମଥ ମିଶ୍ର):** ଗଜପତି ଜିଲା ମୋହନା ଅଞ୍ଚଳରେ ବହୁଦିନ ହେଲା ତୁହାକୁ ତୁହା ଲାଗିରହିଛି ଲଗାଣ ବର୍ଷା। ଫଳରେ ଦୁଇ ସପ୍ତାହ ହେବ ବାହ୍ୟଜଗତରୁ ବିଛିନ୍ନ ବିଚ୍ଛିନ୍ନ ହୋଇଛନ୍ତି ଦୁର୍ଗମ ଗୁରୁଣ୍ଡୁଳୀ ପଞ୍ଚାୟତର ଗାଙ୍ଗୁଡିପଙ୍କାଲ ଓ ଖାରିଗୁଡା ପଞ୍ଚାୟତର ରାଜପୁର ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର। କୁଟିପଦର ଠାରୁ ଉଭୟ ଗାଁକୁ ନାହିଁ ଭଲ ରାସ୍ତାଟିଏ। ରାଜନେତା ସରକାରଙ୍କୁ ଯେତେ ନିବେଦନ କଲେ ମଧ ଫଳ ଶୂନ। କାଦୁଅ ପଚପଚ ରାସ୍ତାରେ ଲୋକେ ଦୁଃଖ କଷ୍ଟରେ କୁଟିପଦର ପର୍ଯ୍ୟନ୍ତ ପ୍ରାୟ ୫ କିମି ରାସ୍ତା ଗମନାଗମନ କରୁଥିବା ବେଳେ ଗମ୍ଭାରୀ ଗାଁ ଦେଇ ମୋହନା ବାହାରିବା ପାଇଁ ହେଲେ ଗାଙ୍ଗୁଡିପଙ୍କାଲ ଓ ଗମ୍ଭାରୀ ଗାଁ ମଧ୍ୟରେ ପଡେ ହରଭଙ୍ଗୀ ନଦୀ। ହେଲେ ନଦୀରେ ଜଳ ସ୍ତର ବୃଦ୍ଧି ପାଇଛି।

# ମଣିପୁର ଦଙ୍ଗା ବିରୋଧରେ ଶ୍ରମିକ ସଙ୍ଗଠନର ବିକ୍ଷୋଭ

ଦଶପଲ୍ଲା,୨୫।୭(ପ୍ରକାଶ କୁମାର ପାଣି)



ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ମଣିପୁର ଦଙ୍ଗା ଓ ମହିଳାଙ୍କ ପ୍ରତି ଅମାନୁଷିକ ବିଭତ୍ସ ଅତ୍ୟାଚାର ବିରୋଧରେ ଦଶପଲ୍ଲା ବ୍ଲକ ଅଫିସ ସମ୍ମୁଖରେ ମଙ୍ଗଳବାର କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ସିଆଇଟିୟୁ,ଅଖିଳ ଭାରତ କୃଷକ ସଭା, ଅଖିଳ ଭାରତ କ୍ଷେତ ମଜଦୂର ୟୁନିୟନ ଓ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନ ପକ୍ଷରୁ ଏକ ମିଳିତ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଦଙ୍ଗା ନିୟନ୍ତ୍ରଣ କରିବାରେ ଉଭୟ କେନ୍ଦ୍ର ଓ ମଣିପୁରରେ ଥିବା ଭାରତୀୟ ଜନତା ପାର୍ଟି ସରକାରର ବିଫଳତା ଫଳରେ ଶତାଧିକ ଲୋକଙ୍କୁ ହତ୍ୟା, ହଜାର ହଜାର ଗୃହ ଦାହ ତଥା ମହିଳାଙ୍କୁ ବଳାତ୍କାର ଓ ହତ୍ୟା କରାଯାଉଛି । ଏଥିନିମନ୍ତେ ଦାୟୀ ଉଭୟ ସରକାରଙ୍କ ଇସ୍ତଫା ଦାବି କରାଯାଇଥିଲା। ତୁରନ୍ତ ଶାନ୍ତି ଫେରାଇ ଆଣିବାକୁ ନିବେଦନ କରାଯାଇଥିଲା। ଦଙ୍ଗା ପ୍ରପୀଡ଼ିତ ଜନଗଣଙ୍କ ପ୍ରତି ସଂହତି ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିପିଆଇ(ଏମ୍) ଜିଲା ସମ୍ପାଦକ ତଥା ଶ୍ରମିକ ନେତା ଶରତ ଚନ୍ଦ୍ର ବେହେରା, କୃଷକ ନେତା ବ୍ରଜବନ୍ଧୁ ପ୍ରଧାନ, ଯୁବନେତା ବିପିନ କୁମାର ବାଜୁ ଓ ସୁଶାନ୍ତ ନାଏକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ମଣିପୁର ଘଟଣାକୁ ନେଇ ଅମିତ ଶାହାଙ୍କ ଇସ୍ତଫା ଦାବି




ନୟାଗଡ଼,୨୫।୭(ଲୋକନାଥ ମିଶ୍ର)

ଶରଣକୁଳ ବଜାରରେ ପ୍ରତିବାଦ ସଭା ମାଧ୍ୟମରେ ସିପିଏମ୍ ଓ ଏସ୍‌ୟୁସିଆଇ ପକ୍ଷରୁ ମଣିପୁରରେ ଘଟୁଥିବା ନାରୀ ଅତ୍ୟାଚାର ଓ ସଂଖ୍ୟାଲଘୁ କୁକି ଆଦିବାସୀ ସଂହାରକୁ ନିନ୍ଦା କରାଯାଇଛି। ଏଥିପାଇଁ ଦାୟୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହା ଓ ମୁଖ୍ୟମନ୍ତ୍ରୀ ବୀରେନ୍ଦ୍ର ସିଂଙ୍କ ଇସ୍ତଫା ଦାବି କରାଯାଇଛି । କୃଷକ ନେତା ଗୋଲକ ବିହାରୀ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଶ୍ରମିକ ଓ କୃଷକ ନେତା ବିଶ୍ୱନାଥ ମହାପାତ୍ର, କୃଷ୍ଣଚନ୍ଦ୍ର ମହାପାତ୍ର, ପବିତ୍ର ଇନ୍ଦ୍ରଜିତ, ଜ୍ୟୋତିପ୍ରଭା ଜେନା, ନିରଞ୍ଜନ ସାହୁ, ରବି ମହାପାତ୍ର, ଭାଗିରଥି ସ୍ୱାଇଁ, ଧୀରେନ ପାତ୍ର ପ୍ରମୁଖ ବକ୍ତବ୍ୟ ଦେଇ କେନ୍ଦ୍ର ଓ ମଣିପୁର ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

# ସ୍କୁଲ ୟୁନିଫର୍ମର ରହୁନି ଗୁଣବତ୍ତା

ନୟାଗଡ଼,୨୫।୭(ଲୋକନାଥ ମିଶ୍ର)

- ପିସି ନିର୍ଦ୍ଧାରିତ ପରେ କିଣା ଯାଉଛି ଡ୍ରେସ
- ନମୁନା ସହିତ ଛାତ୍ରୀଛାତ୍ରଙ୍କ ଡ୍ରେସ୍ ରହୁନି ସମାନ

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମାଗଣାରେ ବଣ୍ଟନ ହେଉଥିବା ସ୍କୁଲ ୟୁନିଫର୍ମର ଗୁଣବତ୍ତା ରହୁନି ବୋଲି ଅଭିଯୋଗ ହୋଇ ଆସୁଛି। ପ୍ରତିବର୍ଷ ଏଭଳି କିଛି ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଏହାର ତଦନ୍ତ କରାଯାଉ ନ ଥିବାରୁ ଗୁଣବତ୍ତାରେ ପରିବର୍ତ୍ତନ ଆସୁନି । ଅନ୍ୟପକ୍ଷେ ସ୍କୁଲ ପ୍ରଧାନଶିକ୍ଷକଙ୍କ ପାଖରେ ରହୁଥିବା ନମୁନା ଡ୍ରେସକୁ ଛାତ୍ରୀଛାତ୍ରଙ୍କ ଡ୍ରେସ ସହ ମିଶାଇଲେ ସମାନତା ଆସୁନି । ପ୍ରଧାନଶିକ୍ଷକଙ୍କ ପାଖରେ ରହୁଥିବା ନମୁନା ଡ୍ରେସର ଗୁଣବତ୍ତା ଭଲ ରହୁଥିବାବେଳେ ଛାତ୍ରୀଛାତ୍ରଙ୍କ ଡ୍ରେସ ସମାନତା ରହୁ ନ ଥିବା ଅନେକ ପ୍ରଶ୍ନ ଉଠାଇଛ। ସେହିଭଳି ଡ୍ରେସ କିଣାରେ ପିସି କାରବାର ଚାଲିଥିବାର ଅଭିଯୋଗ ଉଠିଛି। ୧୨ ପ୍ରତିଶତରୁ ୨୦ ପ୍ରତିଶତ ପିସି କାରବାର ହେଉଛି । ଗୁଣବତ୍ତାରେ ଫରକ, ପିସି କାରବାରକୁ ଅନୁଧ୍ୟାନ କଲେ କେଉଁଠି ନାଁ କେଉଁଠି ଦୁର୍ନୀତିକୁ ପ୍ରୋତ୍ସାହନ ଦିଆଯାଉଥିବାରୁ ଛାତ୍ରୀଛାତ୍ର ଭଲ ଡ୍ରେସ ପିନ୍ଧି ପାରୁ ନ ଥିବା ଅଭିଯୋଗ ହେଉଛି ।

ସରକାରୀ ଓ ସରକାର ଅନୁଦାନପ୍ରାପ୍ତ ବିଦ୍ୟାଳୟର ପ୍ରଥମଠାରୁ ଅଷ୍ଟମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ର, ଅନୁସୂଚିତ ଜାତି ଓ ଜନଜାତି, ଦାରିଦ୍ର୍ୟ ସୀମାରେଖା ତଳେ ଓ ଉପରେ ଥିବା ସମସ୍ତ ବାଳକ, ରାଜ୍ୟ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟରେ ୨ ହଳ ମାଗଣା ପୋଷାକ ୫୦୦ ଟଙ୍କାରେ, ୨୦୦ ଟଙ୍କାରେ ୧ ହଳ ଜୋତା ଓ ୨ ହଳ ମୋଜା, ୧୨୫ ଟଙ୍କାରେ ଟି ସାର୍ଟ, ୧୨୫ ଟଙ୍କାରେ ଟ୍ରାକ ପ୍ୟାଣ୍ଟ, ୩୦ ଟଙ୍କାରେ ଟୋପି ଓ ୨୦ ଟଙ୍କାରେ ପରିଚୟ ପତ୍ର ବଣ୍ଟନ ପାଇଁ ସରକାରଙ୍କ ନିର୍ଦ୍ଦେଶ ଅଛି। ଏଥିପାଇଁ ୧ ହଜାର ଟଙ୍କା ଅନୁଦାନ ବ୍ୟବସ୍ଥା ଅଛି । ୧ ହଜାର ଟଙ୍କାରୁ ୬୦୦ ଟଙ୍କା ସମଗ୍ର ଶିକ୍ଷା ଯୋଜନାରୁ ଓ ଅବଶିଷ୍ଟ ୪୦୦ ଟଙ୍କା ରାଜ୍ୟ ସରକାରଙ୍କର ଗଙ୍ଗାଧର ବେହେର ଶିକ୍ଷାମନଙ୍କ ଯୋଜନାରୁ ଦିଆଯିବ । ୨୦୨୩-୨୪ ଆର୍ଥିକ ବର୍ଷରେ ୬୦୦ ଟଙ୍କା ଆସି ସାରିଛି। ଏହି ଟଙ୍କାରେ ବିଭିନ୍ନ ସ୍କୁଲ ପକ୍ଷରୁ ଡ୍ରେସ ବଣ୍ଟନ ଚାଲିଛି । ତେବେ ଜୁନ୍‌ରେ ଡ୍ରେସ ବଣ୍ଟନ ଶେଷ ହେବାକୁ ନିର୍ଦ୍ଦେଶ ଥିବାବେଳେ ଜୁଲାଇ ଶେଷ ହେବାକୁ ଆଉ କିଛି ଦିନ ରହିଥିଲେହେଁ ଏଯାବତ ଡ୍ରେସ ବଣ୍ଟନ ହୋଇ ପାରି ନାହିଁ ।

### ଛାତ୍ରୀଛାତ୍ରଙ୍କ ଆକାଉଣ୍ଟକୁ ଆସୁ ଟଙ୍କା

ସ୍କୁଲ ଡ୍ରେସ ଓ ଅନାନ୍ୟ ଉପକରଣ ବାବଦ ଟଙ୍କା ଛାତ୍ରୀଛାତ୍ରଙ୍କ ଆକାଉଣ୍ଟକୁ ଆସିବା ଦରକାର । ଏପରି କରାଗଲେ ସ୍ୱଚ୍ଛତା ରହିବ । ସ୍କୁଲ ଡ୍ରେସ ଓ ବିଭିନ୍ନ ଉପକରଣ ବଣ୍ଟନରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବାରୁ ଏପରି କରିବାକୁ ଦାବି ଉଠିଛି । ଏନେଇ ଜଣେ ଶିକ୍ଷକ କହିଛନ୍ତି, ସରକାର ୨ ହଳ ଡ୍ରେସ କିଣାକୁ ୫୦୦ ଟଙ୍କାରେ ଫିକ୍ସ କରିଛନ୍ତି। ତେବେ କିଣା ବିକା ସମୟରେ ପିସି ବାବଦରେ ୧୨୦ରୁ ୨୦୦ ଟଙ୍କା ଚାଲି ଯାଉଛି । ବିଭିନ୍ନ ବର୍ଗର ଅଧିକାରୀ ଓ କର୍ମଚାରୀ ପିସି ମାଗିବାକୁ ବାଧ କରାଉଛନ୍ତି । ସେହିପରି କିଛି ଛାତ୍ରୀଛାତଙ୍କ ଡ୍ରେସ ବାବାଦ ଅନୁଦାନ ଆଦୀ ଆସି ନ ଥିବାରୁ ଆଡଜଷ୍ଟ କରାଯାଇ ଡ୍ରେସ ବଣ୍ଟନ ହୋଇନି । ତୁରନ୍ତ ଦେବାକୁ ସାଧାରଣରେ ଦାବି ଉଠିଛି । ଜିଲା ପରିଷଦ ୭ ନଂ. ଷ୍ଟାଣ୍ଡିଂ କମିଟିର ସଭ୍ୟ ରାମେଶ୍ୱର ଶତପଥୀ କୁହନ୍ତି, ସ୍କୁଲ ୟୁନିଫର୍ମରେ ଅନିୟମିତତା ହେଉଥିବାର ଅଭିଯୋଗ ଉଠିଛି । ଡ୍ରେସ କିଣାରେ ସ୍ୱଚ୍ଛତା ନେଇ କ'ଣ କରାଯାଇ ପାରିବ ସେନେଇ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ବୃନ୍ଦାବନ ସାହୁ ନାମକ ଅଭିଭାବକ କୁହନ୍ତି, ଡ୍ରେସ କିଣା ସମେତ ଅନ୍ୟ ଉପକରଣ ପାଇଁ ସରକାର ୧ ହଜାର ଟଙ୍କା ଜଣେ ଛାତ୍ରୀଛାତ୍ର ପିଛା ଦେଉଛନ୍ତି। ସ୍କୁଲ ୟୁନିଫର୍ମ ପାଇଁ କେବଳ ୫୦୦ ଟଙ୍କା ଅଛି । ଏଥିପାଇଁ ଚିଠି ବି ପ୍ରକାଶିତ ହୋଇ ସାରିଛି। ତେବେ ଅଧିକାଂଶ ସ୍କୁଲରେ ୪୦୦ ଟଙ୍କା ମିଳୁଛି ବୋଲି କହୁଛନ୍ତି । ପୁଣି କହୁଛନ୍ତି ସବୁ ପିଲାଙ୍କ ପାଇଁ ଟଙ୍କା ଆସିନି। ଆମେ ଆଡଜଷ୍ଟରେ କରିଛୁ। ଏଣୁ ୪୦୦ ଟଙ୍କାରେ ଦେଉଥିବା ଡ୍ରେସର ମାନ ଭଲ ଅଛି ବୋଲି କହି ବୁଝାଇ ଦେଉଛନ୍ତି। ୨ ହଳ ଡ୍ରେସର ଦାମ ୪୦୦ ଟଙ୍କାକୁ ଅନୁଧ୍ୟାନ କଲେ କିଛି ଏପଟସେପଟ ହୋଇଥିବା ଜଣାପଡୁଛି । ପୁଣି ପିସି କାରବାର ଚର୍ଚ୍ଚା ହେଉଛି । ଯାହା ତଦନ୍ତ ସାପେକ୍ଷ ବୋଲି ସେ କହିଛନ୍ତି ।

# ବଳାତ୍କାରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ନୟାଗଡ଼,୨୫।୭(ଲୋକନାଥ ମିଶ୍ର)

**ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର ମାମଲା**

ନୟାଗଡ଼ ପୋକ୍‌ସୋ ଅଦାଲତରେ ଭିନ୍ନକ୍ଷମ ନାବାଳିକାଙ୍କ ବଳତ୍କାର ମାମଲାର ରାୟ ପ୍ରକାଶ ପାଇଛି । ପୋକ୍‌ସୋ ଅଦାଲତର ବିଚାରପତି ନିରଞ୍ଜନ ପଣ୍ଡା ମାମଲାର ୨୮ ସାକ୍ଷୀଙ୍କ ବୟାନ, ସରକାରୀ ଓ ଅଭିଯୁକ୍ତଙ୍କ ଓକିଲଙ୍କ ଜବାବସୁଆଲ, ବିଭନ୍ନ ପ୍ରମାଣକୁ ବିଚାର କରି ଅଭିଯୁକ୍ତ ଇଟାମାଟିର ରବି ମହାନ୍ତି(୩୬)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୫ ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ୬ମାସ ଅଧିକ ଜେଲଦଣ୍ଡ ପାଇଁ ନିର୍ଦ୍ଦେଶ ରହିଛି । ଅନ୍ୟପକ୍ଷେ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ସହାୟତା ଦେବାକୁ ଆଇନସେବା ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୯ ଅଗଷ୍ଟ ୧୯ରେ ଭିନ୍ନକ୍ଷମ ନାବାଳିକା ଘରେ ଶୋଇଥିବାବେଳେ ରବି ମହାନ୍ତି ତାଙ୍କ ଘରେ ପଶି ବଳାତ୍କାର କରିଥିଲେ । ଏନେଇ ପୀଡ଼ିତାଙ୍କ ମା'ଇଟାମାଟି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୧୫/୨୩) ରୁଜୁ କରି ତଦନ୍ତ କରିଥିଲା । ପରେ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ପଠାଇଥିଲା । ସରକାରୀ ଆଇନଜୀବୀ ଦାଶରଥି ସାହୁ ମୋକଦ୍ଦମା ପରିଚାଳନା କରିଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପ୍ରଦୀପ


@ ସିତୁନ


@ ସୁମନ୍ତ


@ ପ୍ରଫୁଲ୍ଲ


@ ସଚ୍ଚୀନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ନାବାଳିକାଙ୍କୁ ଗର୍ଭବତୀ ନେଇ ବିଭିନ୍ନ ସାମାଜିକ ଗଣମାଧମରେ ଚର୍ଚ୍ଚା

ଡେରାବିଶ, ୨୫ା ୭ (ବେବର୍ତ୍ତା ଅଜୟ ଦାସ): ଡେରାବିଶ ଥାନା ଅଞ୍ଚଳରେ ଏକ ଗ୍ରାମରେ ଜଣେ ୧୫ ବର୍ଷିୟା ନାବାଳିକାଙ୍କୁ ଜଣେ ୫୦ ବର୍ଷୀୟ ପଡ଼ୋଶୀ ୩ମାସର ଗର୍ଭବତୀ କରିଥିବା ନେଇ ବିଭିନ୍ନ ସାମାଜିକ ଗଣମାଧମରେ ଚର୍ଚ୍ଚା ଜୋର ଧରିଛି। ଗଣମାଧମ ପ୍ରତିନିଧିଙ୍କ ସମ୍ମୁଖିରେ ପୀଡ଼ିତା ନାବାଳିକା ବୟାନ ଦେଉଥିବା ବେଳେ ଓ ପୀଡ଼ିତାଙ୍କ ମା' ସେ ଜଣେ ଦିନ ମଜୁରିଆ। ନାବାଳିକା ଜଣକ ହଠାତ୍ ଅସୁସ୍ଥ ହେବା ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ନାବାଳିକା ଜଣକ ୩ ମାସର ଗର୍ଭବତୀ ହୋଇଥିବା ନେଇ ଡାକ୍ତର କହିଥିବା ବିଷୟ ପୀଡ଼ିତାଙ୍କ ମା' ଗଣମାଧମରେ ସୂଚନା ଦେଉଥିବା ଦେଖିବାକୁ ମିଳିଛି। ରିପୋର୍ଟ ଲେଖା ହେଲା ବେଳକୁ ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ପହଞ୍ଚି ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ରାଜନଗର, ୨୫ା୭ (ଭାସ୍କର ରାଉତରାୟ): ରାଜନଗର ଥାନା ଅନ୍ତର୍ଗତ ଚଣ୍ଡିଆପଲ୍ଲୀ ଗାଁର ଲିସାରାଣୀ ସାମଲଙ୍କୁ ତାଙ୍କ ଶାଶୁଘର ଲୋକେ ମାଡ଼ ମାରିବା ସହ ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଦେଢବର୍ଷ ତଳେ ଲିସାରାଣୀ ଭଲ ପାଇ ଚଣ୍ଡିଆପଲ୍ଲୀ ଗାଁର ଅଶୋକ ପ୍ରଧାନଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ସ୍ୱାମୀ, ଶ୍ୱଶୁର ଶିବ ଓ ଶାଶୁଘର ଲୋକ ନିର୍ଯାତନା ଦେଇ ଆସୁଥିଲେ। ସୋମବାର ରାତିରେ ଲିସାରାଣୀ ଖାଇବାକୁ ଯିବା ବେଳେ ସ୍ୱାମୀ ଅଶୋକ ତାଙ୍କୁ ଅଟକାଇବା ସହ ହଠାତ୍ ନିର୍ମମ ଭାବେ ବିଧା, ଗୋଇଠା, ଚାପୁଡା ମାରିଥିଲେ। ତାଙ୍କ ଆଇ ଶାଶୁ ଚୁଟି ଘୋଷାଡ଼ି ହାତକୁ ବାନ୍ଧି ମାଡ଼ ମାରିଥିଲେ। ଶ୍ୱଶୁର ସେମାନଙ୍କୁ ସହଯୋଗ କରିବା ସହ ଜୀବନରୁ ମାରି ଶେଷ କରି ନଈରେ ଫୋପାଡ଼ି ଦେବାକୁ ବାରମ୍ବାର କହୁଥିଲେ। ସେମାନଙ୍କ ଆକ୍ରମଣରେ ଲିସାରାଣୀଙ୍କ ପେଟ, ପିଠି ଓ ଛାତିରେ ଆଘାତ ଲାଗିଛି। ସେମାନଙ୍କ କବଳରୁ ଖସି ଆସି ଲିସାରାଣୀ ରାତିରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ଆରପାରିରେ ବିଦ୍ୟାଧର ସାର

ଡେରାବିଶ, ୨୫ା୭ (ବେବର୍ତ୍ତା ଅଜୟ ଦାସ) : ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମର ଆଦର୍ଶ ଶିକ୍ଷକ ବିଦ୍ୟାଧର ସାମଲ(୯୩)ଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ସାମଲ ଡେରାବିଶ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନ କରିବା ସହ ବେଣିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଅବସରଗ୍ରହଣ କରିଥିଲେ। ଅବସର ସମୟରେ ବି ପିଲାମାନଙ୍କୁ ଶିକ୍ଷାଦାନ କରୁଥିଲେ। ଚାକିରିରେ ଥିବା ସମୟରେ ଡେରାବିଶ ବ୍ଲକର ପ୍ରାଥମିକ ଶିକ୍ଷକ ସଂଘର ଉପାସଭାପତି ରହି ଶିକ୍ଷକମାନଙ୍କର ବହୁ ଉନ୍ନତି ସାଧନ କରିଥିଲେ। ଜଣେ ଆଦର୍ଶ ଛାତ୍ର ବତ୍ସଳ ଶିକ୍ଷକ ଭାବେ ତାଙ୍କର ବହୁ ସୁନାମ ଥିଲା। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ସମର କେଶରୀ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବରପାଇ ତାଙ୍କର ବହୁ ଛାତ୍ର ଓ ସହକର୍ମୀ ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସୁରକ୍ଷିତ ସ୍ଥାନରେ ଶତାଧିକ ନକଲି ଶିକ୍ଷକ

- ୩୯୪ ଜଣ ଶିକ୍ଷକଙ୍କ ତାଲିକା ପ୍ରସ୍ତୁତ
- ଏଫ୍‌ଆଇଆର୍ ସମ୍ପର୍କରେ ସ୍ଥିତି ଜଣାଇବାକୁ ଡିଇଇଙ୍କ ନିର୍ଦ୍ଦେଶ

ଯାଜପୁର, ୨୫ା୭(ହର୍ଷବର୍ଦ୍ଧନ ବେହେରା)

ହାଇକୋର୍ଟଙ୍କ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ନକଲି ଶିକ୍ଷକଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ନେଇ ତଦନ୍ତ ରିପୋର୍ଟର ସ୍ଥିତି ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏହାପରେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ) ପକ୍ଷରୁ ରାଜ୍ୟରେ ୨୦।୭।୨୦୨୩ ସୁଦ୍ଧା ୩୯୪ ଜଣ ନକଲି ଶିକ୍ଷକଙ୍କ ତାଲିକା ପ୍ରକାଶ କରାଯାଇଛି। ଏହି ତାଲିକା ଅନୁଯାୟୀ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ତୁରନ୍ତ ନକଲି ଶିକ୍ଷକଙ୍କ ବିରୋଧରେ ହୋଇଥିବା ଏଫ୍‌ଆଇଆର୍ ସମ୍ପର୍କରେ ବର୍ତ୍ତମାନର ସ୍ଥିତି କ'ଣ ସେନେଇ ରିପୋର୍ଟ ଦାଖଲ କରିବାକୁ ଡିଇଇ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଉକ୍ତ ତାଲିକାରେ ଯାଜପୁର ଜିଲାର ମାତ୍ର ଜଣେ ନକଲି ଶିକ୍ଷକଙ୍କ ନାମ ରହିଛି। ବିଡମ୍ବନା ଯେ, ନକଲି ଜାତିଗତ ଓ ଶିକ୍ଷା ପ୍ରମାଣପତ୍ର ବଳରେ ଶିକ୍ଷକତା କରୁଥିବା ଯାଜପୁର ଜିଲାର ଶତାଧିକ ଶିକ୍ଷକଙ୍କୁ ଏହି ତାଲିକାରୁ ବାଦ୍ ଦିଆଯାଇଛି। ଏପରି କି ଯାଜପୁର ଜିଲାର ନକଲି ଶିକ୍ଷକ ଅନ୍ୟ ଜିଲାରେ ଶିକ୍ଷକତା କରୁଥିବା ବ୍ୟକ୍ତିଙ୍କ ନାମ ମଧ୍ୟ ଉକ୍ତ ତାଲିକାରେ ନାହିଁ। ଏଥିରୁ ନକଲି ପ୍ରମାଣପତ୍ର ହାସଲ କରି ଶିକ୍ଷକତା କରିବା ଯାଜପୁର ଜିଲାରେ ଅତି ସୁରକ୍ଷିତ ବୋଲି ମତପ୍ରକାଶ ପାଇଛି।

ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ତାଲିକାଭୁକ୍ତ ନକଲି ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ବିରୁରୋଧ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ସଂପୃକ୍ତ ଅଧିକାରୀମାନଙ୍କୁ ବହୁବାର ଚେତାବନୀ ଦିଆଯାଇଛି। କିନ୍ତୁ ଉକ୍ତ ଚେତାବନୀକୁ ଯାଜପୁର ଜିଲାର ତଦନ୍ତକାରୀ ଅଧିକାରୀମାନେ କୌଣସି ପ୍ରକାର ଖାତିର କରୁ ନ ଥିବା ମନେ ହେଉଛି। ଫଳରେ ନକଲି ଶିକ୍ଷକ ଓ ସରକାରୀ କର୍ମଚାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ନକଲି ପ୍ରମାଣପତ୍ରଧାରୀ ଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ) (ସିସିଏ) ୧୯୬୨ ଆଇନର ଧାରା ୧୫ ଅନୁଯାୟୀ ଚାକିରୀରୁ ବହିଷ୍କାର ଓ ଥାନାରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶାଳୟ ପକ୍ଷରୁ ଏକାଧିକ ଥର ନିର୍ଦ୍ଦେଶ ହୋଇଛି। କିନ୍ତୁ ସଂପୃକ୍ତ ଅଧିକାରୀମାନେ ଏହାର ଉଲ୍ଲଂଘନ କରି ଆସୁଛନ୍ତି। ଏହି ଉଲ୍ଲଂଘନକାରୀ ଅଧିକାରୀମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଚେତାବନୀ ଫସର ଫାଟିଛି। ଏହାପୂର୍ବରୁ ସଞ୍ଜୟ ମହାରଣା ହାଇକୋର୍ଟରେ ୧୮୭୫୨/୨୦୧୮ରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହାପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଶିକ୍ଷା ବିଭାଗ ପକ୍ଷରୁ ଯେନତେନ ପ୍ରକାରେ ତଦନ୍ତ କରି ନକଲି ପ୍ରମାଣପତ୍ରଧାରୀ ଶିକ୍ଷକଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ଏଥିରେ ଗଞ୍ଜାମ ଜିଲାରେ ସର୍ବାଧିକ ୯୯ ଏବଂ ନୂଆପଡା, ଢେଙ୍କାନାଳ, ଖୋର୍ଦ୍ଧା, ଯାଜପୁର ଓ ମାଲକାନଗିରି ଜିଲାରେ ଜଣେ ଲେଖାଏଁ ନକଲି ଶିକ୍ଷକ ଥିବା ତାଲିକାରେ ଦର୍ଶାଯାଇଛି। ହେଲେ ବାସ୍ତବରେ ଆଜି ବି ସାରା ରାଜ୍ୟରେ ୨୦୦୦ରୁ ଊର୍ଦ୍ଧ୍ୱ ନକଲି ପ୍ରମାଣପତ୍ରଧାରୀ ଶିକ୍ଷକ ଶିକ୍ଷକତା କରୁଥିବା ଚର୍ଚ୍ଚା ହେଉଛି। ଯାଜପୁର ଜିଲା ବ୍ୟାସନଗର ତହସିଲ ଅଞ୍ଚଳକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଏହି ତହସିଲ ଅଧୀନ ଅସନଝର ମୌଜାରେ ଜଣେ ସାଧାରଣବର୍ଗ ଯୁବକ କେନ୍ଦୁଝର ଘସିପୁରା ତହସିଲ ଅଞ୍ଚଳରେ ୨ ଡେସିମିଲ ଜମି କିଣି ସେଥିରେ ଶବର ଜାତି ଦର୍ଶାଇଛନ୍ତି। ସେହି ଜମିପଟ୍ଟା ବଳରେ ଆଦିବାସୀ ଜାତିଗତ ପ୍ରମାଣପତ୍ର ହାସଲ କରି ସରକାରୀ ଶିକ୍ଷକତା କରୁଥିବା ନେଇ ଯାଜପୁର ଏବଂ ଗଜପତି ଡିଇଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସେ ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ଏକ ସ୍କୁଲରେ ନକଲି ଜାତିଗତ ପ୍ରମାଣପତ୍ର ବଳରେ ଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି। ହେଲେ ତାଙ୍କ ନାମ ଗଜପତି ଜିଲା ତାଲିକାରେ ମଧ୍ୟ ନାହିଁ। ଏହାବାଦ୍ ଯାଜପୁର ଜିଲା ବଡ଼ଚଣା ବ୍ଲକରେ ନକଲି ଓଟିଇଟି(ଓଡିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ) ପ୍ରମାଣପତ୍ର ବଳରେ ୩ ଜଣ ଶିକ୍ଷକ ଚାକିରୀ କରୁଥିବା ଧରାପଡିଥିଲା। ଏହି କ୍ରମରେ ଯାଜପୁର ଜିଲା ଶିକ୍ଷା ବିଭାଗ ପକ୍ଷରୁ ସଂପୃକ୍ତ ସହକାରୀ ଶିକ୍ଷକମାନଙ୍କୁ ନିଲମ୍ବନ କରାଯାଇଛି। ଏହାବାଦ୍ କୋରେଇ ବ୍ଲକର ଦୁଇ ଭାଇ ଓ ଭଉଣୀ ନକଲି ଶିକ୍ଷକତା କରୁଥିବା ପ୍ରମାଣ ମିଳିବା ପରେ ସେମାନଙ୍କୁ ନିଲମ୍ବନ କରାଯାଇଛି। ଏପରି ଭାବେ ଯାଜପୁର ଜିଲାରେ ଶତାଧିକ ନକଲି ଶିକ୍ଷକ ରହିଥିଲେ ହେଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସେମାନଙ୍କୁ ଅଯାଚିତ ଅନୁକମ୍ପା ପ୍ରଦର୍ଶନ କରି ତାଲିକାରେ ବାଦ୍ ଦିଆଯାଇଛି ବୋଲି ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ଯାଜପୁର ଜିଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁଙ୍କୁ ପଚାରିବାରୁ ପର୍ଯ୍ୟାୟକ୍ରମେ ତାଲିକା ପ୍ରକାଶ ହେଉଛି। ପରବର୍ତ୍ତୀ ସମୟରେ ସମସ୍ତ ନକଲି ଶିକ୍ଷକଙ୍କ ନାମ ପ୍ରକାଶ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

### ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶର୍ଟ ସର୍କିଟ: ରୋଗୀ ଭୟଭିତ



ବିରଡ଼ି, ୨୫ା୭(ପ୍ରଶାନ୍ତ ରାଉତ)

ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଙ୍ଗଳବାର ଶର୍ଟସର୍କିଟ ହୋଇ ନିଆଁ ଝୁଅ ଲୋକଙ୍କ ପଡ଼ିଛି। ଏନେଇ କିଛି ସମୟ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭୟର ବାତାବରଣ ଖେଳିଯାଇଥିଲା। ଏହି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରଟି ଅତି ପୁରୁଣା ହୋଇଯାଇଛି। ଏହା ପ୍ରାୟ ୧୯୫୦ ମସିହାରେ ନିର୍ମାଣ ହୋଇଥିଲା। ବର୍ତ୍ତମାନ ସ୍ୱାସ୍ଥ୍ୟକେନ୍ଦ୍ର ଗୃହଗୁଡ଼ିକରେ ଟିଣ ପଡିଛି । ଏ ପର୍ଯ୍ୟନ୍ତ ଛାତ ଘରଟିଏ ନାହିଁ। ପ୍ରାୟ ୧୮ବର୍ଷ ହେବ ବିଦ୍ୟୁତ୍ ତାରଗୁଡ଼ିକୁ ବଦଳା ଯାଇନାହିଁ। ଫଳରେ ଏପରି ଅବସ୍ଥା ଉପୁଜୁଛି ବୋଲି ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ କହିଛନ୍ତି। ଡାକ୍ତରମାନେ ବସି ରୋଗୀ ଦେଖିବାକୁ ଭଲ ଗୃହଟିଏ ନାହିଁ। ସେହି ପୁରୁଣା ଘରେ ରୋଗୀ ଦେଖା ଚାଲିଛି। ସେଠାରେ ଜାଗା କମ୍ ଥିବାରୁ ରୋଗୀ ଦେଖିବା ପାଇଁ ବହୁ ସମୟ ଲାଗୁଛି । ତୁରନ୍ତ ନୂତନ ଛାତ ଗୃହ ନିର୍ମାଣ ସହ ବିଦ୍ୟୁତ୍ ତାରଗୁଡ଼ିକ ବଦଳାଇବା ପାଇଁ ସାଧାରଣରେ ଦାବି ହୋଇଛି ।

# ପଟ୍ଟାମୁଣ୍ଡାଇ-ରାଜନଗର ନଦୀବନ୍ଧ ରାସ୍ତାରୋକୋ



ପଟ୍ଟାମୁଣ୍ଡାଇ-ରାଜନଗର ନଦୀବନ୍ଧ ରାସ୍ତାର ନିମପୁର-ପୋଖରୀସାହି ନିକଟରେ ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।

**ଶାସନ ପଞ୍ଚାୟତର ୧୫ନଂ. ୱାର୍ଡର ବାସିନ୍ଦା**

କେନ୍ଦ୍ରାପଡ଼ା, ୨୫ା୭(ଜଗନ୍ନାଥ ଧଳ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତର ୧୫ନଂ. ୱାର୍ଡର ବାସିନ୍ଦାମାନେ ବିଭିନ୍ନ ମୌଳିକ ସମସ୍ୟା ସମାଧାନ ଦାବିରେ ମଙ୍ଗଳବାର ପଟ୍ଟାମୁଣ୍ଡାଇ-ରାଜନଗର ନଦୀବନ୍ଧ ରାସ୍ତାର ନିମପୁର-ପୋଖରୀସାହି ନିକଟରେ ରାସ୍ତାରୋକୋ କରିଥିଲେ। ୧୫ ନଂ. ୱାର୍ଡ ଦୀର୍ଘଦିନ ହେଲା ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇପଡ଼ିଛି। ଜଳ ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ଗ୍ରାମ ରାସ୍ତାରେ ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି ଜମି ରହୁଛି। ପାନୀୟ ଜଳ ଯୋଗାଣ ସମସ୍ୟା ମଧ୍ୟ ଲାଗି ରହିଛି। ଆବଶ୍ୟକତା ଅନୁଯାୟୀ, ନଳକୂପ ନ ଥିବାବେଳେ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ଠିକ୍ ଭାବେ ହୋଇପାରିନାହିଁ। ଜଳ ସଙ୍କଟ ଦେଖା ଦେଇଥିବାରୁ ଗ୍ରାମବାସୀ ବ୍ରାହ୍ମଣୀ ନଦୀ ଜଳ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ନିକଟ ଅତୀତରେ କୁମ୍ଭୀର ଆକ୍ରମଣରେ ୪ଜଣ ମୃତ୍ୟୁ ପରେ ଗ୍ରାମବାସୀ ଭୟରେ ନଦୀକୁ ଯାଇପାରୁନାହାନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଶାସନ ସରପଞ୍ଚ ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ମଧ୍ୟ ସମସ୍ୟାର ସମାଧାନ ହୋଇ ପାରି ନ ଥିବାରୁ ଗ୍ରାମବାସୀ ରାସ୍ତାରୋକୋ କରିଥିବା କହିଛନ୍ତି। ଖବର ପାଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ବାମଦେବ ନନ୍ଦ ଘଟଣା ସ୍ଥଳରେ ପହଞ୍ଚି ଖୁବ୍‌ଶୀଘ୍ର ସରପଞ୍ଚ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟି ଥିଲା।

# ତେରଗାଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଲମ୍ବିତ

**ଆବାସ ଯୋଜନା ଅର୍ଥ ହେରଫେର ଅଭିଯୋଗ**

ମହାକାଳପଡ଼ା, ୨୫ା୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତେରଗାଁ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଆର୍ଥିକ ଅନୁଦାନରେ ଚଞ୍ଚକତା କରିଥିବା ଦାୟିତ୍ୱରେ ଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପ୍ରଧାନ ଦାୟିତ୍ୱରେ ଅବହେଳା କରିଥିବା ନେଇ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟରୁ ନିଲମ୍ବନ ହୋଇଥିବା ଜଣାପଡ଼ିଛି। ପଞ୍ଚାୟତର ୧୩ଜଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ ରିପୋର୍ଟରେ ସସଗବହୋଇଥିବା ଅଶୋକ ପ୍ରଧାନ ଯୋଗ୍ୟ ହିତାଧିକାରୀଂ ଭାବେ ଚିହ୍ନଟ କରି ବ୍ଲକ ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିଥିଲେ। ଉକ୍ତ କର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ରିପୋର୍ଟ ଅନୁସାରେ, ପ୍ରଶାସନ ପକ୍ଷରୁ ପ୍ରତି ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ପ୍ରଥମ କିସ୍ତିରେ ଯଥାକ୍ରମେ ୪୦ ହଜାର ଟଙ୍କା ଜମା ହୋଇଥିଲା। ହିତାଧିକାରୀଙ୍କ ଚୟନରେ ଚଞ୍ଚକତା ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ପଞ୍ଚାୟତର ୧୩ ହିତାଧିକାରୀମାନଙ୍କ ଘର ସର୍ଭେ କରିଥିଲେ। ସର୍ଭେରେ ହିତାଧିକାରୀମାନେ ଅଯୋଗ୍ୟ ବୋଲି ରିପୋର୍ଟରେ ଦର୍ଶାଯାଇଥିଲା। ପରେ ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ସରକାରୀ କାର୍ଯ୍ୟରେ ଅବହେଳା ଓ ଅର୍ଥ ଅନିୟମିତତା ଅଭିଯୋଗରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ପରିଷଦ କେନ୍ଦ୍ରାପଡ଼ା ଚିଠି ନମ୍ବର ୨୯୬୩/୨୪।୭।୨୩ରେ ୧୩ତେର ଗାଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପ୍ରଧାନଙ୍କୁ ସସ୍‌ପଏଣ୍ଡ କରାଯାଇଥିଲା ବୋଲି ଜଣାପଡିଛି। ଏ ସଂକ୍ରାନ୍ତରେ ବିଡିଓ ସାଗର କୁମାର ନନ୍ଦଙ୍କ ପଚିବ ବାରେ ଉକ୍ତ ପଞ୍ଚାୟତ କାର୍ଯ୍ୟର୍ନବାହୀ ଅଧିକାରୀ ସସ୍ ପେରବ।

# ଗୁଣିଗାରେଡ଼ି ସନ୍ଦେହ: ଶାବଳରେ ପିଟି ହତ୍ୟା

କେନ୍ଦ୍ରାପଡ଼ା, ୨୫ା୭(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଚନ୍ଦନନଗର ପଞ୍ଚାୟତ ହରନବାବି ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରୁ ଏକ ବୀଭତ୍ସ ହତ୍ୟା ଘଟିଛି। ହରନବାବି ଗ୍ରାମର ମଣିଚରଣ ସାହୁ (୫୫)ଙ୍କୁ ପଡ଼ୋଶୀ ଘର ଲୋକେ ଶାବଳରେ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଗତ ୨ ଦିନ ହେବ ଏହି ଘଟଣା ଘଟିଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ପ୍ରମାଣ ସଂଗ୍ରହ କରି ନ ଥିବାରୁ ଘର ଭିତରକୁ ପରିବାର ଲୋକଙ୍କୁ ଛଡ଼ାଯାଉନାହିଁ।

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ବନ୍ତପାଟଣା ହରନବାବି ଗାଁର ମଣିଚରଣଙ୍କ ପଡ଼ୋଶୀ ଅଜୁ ମହାରଣାଙ୍କ ପରିବାର ସହ ଦୀର୍ଘଦିନ ହେବ ବିବାଦ ଲାଗି ରହିଥିଲା। ଏ ନେଇ ଉଭୟ ପରିବାର ମଧ୍ୟରେ ସବୁବେଳେ ଝଗଡ଼ା ହେଉଥିଲା। ମଣିଚରଣ ଚାଷବାସ କରିବା ସହ ଗାଁରେ ଝଡ଼ାଫୁଙ୍କା କରି ଚଳୁଥିଲେ। ତାଙ୍କର ୨ ଝିଅ ବାହା ହୋଇଯାଇଥିବା ବେଳେ ଏକ ବଖରିଆ ଘରେ ବୁଢ଼ୀ ମା', ସ୍ତ୍ରୀ ଓ ୧୨ ବର୍ଷର ପୁଅ ସହ ସେ ରହୁଥିଲେ। ଅଜୁଙ୍କ ପରିବାର ଲୋକଙ୍କୁ ମଣିଚରଣ ଗୁଣିଗାରେଡ଼ି କରୁଛନ୍ତି ବୋଲି ସବୁବେଳେ ସନ୍ଦେହ କରୁଥିଲେ। ରବିବାର ରାତିରେ ମଣିଚରଣ ଘରେ ଶୋଇଥିବା ବେଳେ ପଡ଼ୋଶୀ ଅଜୁ ଓ ତାଙ୍କ ୨ ପୁଅ ବିପିନି ଏବଂ ଗୁନୁଆ କବାଟ ଭାଙ୍ଗି ଘରେ ପଶି ତାଙ୍କୁ ମରାମରି କରିଥିଲେ। ପରେ ଉଭୟପକ୍ଷ ମଧ୍ୟରେ ବଚସା ହୋଇଥିଲା। ସେହି ସମୟରେ ଅଜୁ ଓ ତାଙ୍କ ୨ ପୁଅ ଶାବଳରେ ମଣିଙ୍କୁ ପିଟି ଥିଲେ। ମଣିଙ୍କୁ ଛାଡ଼ିଦେବାକୁ ପରିବାର ଲୋକେ କାକୁତି ମିନତି ହୋଇଥିଲେ ବି ସେମାନେ ଶୁଣି ନ ଥିଲେ। ଶାବଳ ମାଡ଼ରେ ମଣିଙ୍କ ଅବସ୍ଥା ଗୁରୁତର ହେବା ସହ ପ୍ରବଳ ରକ୍ତପାତ ହେବାରୁ ଅଭିଯୁକ୍ତ ବାପପୁଅ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ପରେ ପରିବାର ଲୋକେ ଗୁରୁତର ମଣିଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ମଣିଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ପରିବାର ଲୋକଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପୋଲିସ ନଂ. ୪୫୦/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ଏହି ଘଟଣାକୁ ୨ ଦିନ ବିତିବାକୁ ବସିଲାଣି। ସାଇଣ୍ଟିଫିକ୍ ଟିମ୍ ପ୍ରମାଣ ସଂଗ୍ରହ ନ କରିବା ପର୍ଯ୍ୟନ୍ତ ଘରେ ପଶିବାକୁ ପରିବାର ଲୋକଙ୍କୁ ବାରଣ କରାଯାଇଛି। ଏପରି ଘଟଣା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପ୍ରଥମ ହୋଇଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପୋଲିସର ତଦନ୍ତ ପରେ ପୂରା ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଗ୍ରାମାଞ୍ଚଳ ଥାନା ଅଧିକାରୀ ବାମଦେବ ନନ୍ଦ କହିଛନ୍ତି।

# ପରିଚାଳକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ଲୁଟ

**ମୀରା ଆଶ୍ରମ ଡକାୟତି, ଏସ୍‌ପିଙ୍କ ତଦନ୍ତ**

ଡେରାବିଶ, ୨୫ା୭ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଗୁଆଲସିଂ ଗାଁରେ ଥିବା ମୀରା ଆଶ୍ରମରେ ସୋମବାର ବିଳମ୍ବିତ ରାତିରେ ଆଶ୍ରମର ପରିଚାଳକଙ୍କ ମୁଣ୍ଡରେ ଡକାୟତମାନେ ବନ୍ଧୁକ ଲଗାଇ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଆଶ୍ରମର ପରିଚାଳକ ଅର୍ଜୁନ କୁମାର ଦାସ କରିଥିବା ଅଭିଯୋଗ ମୁତାବକ ସୋମବାର ରାତି ସାଢେ ୧ଟାରେ କେହି ଜଣେ ଆଶ୍ରମର କବାଟକୁ ବାଡ଼େଇ ଖୋଲିବାକୁ କହିଥିଲେ। ଏତେ ରାତି ହୋଇଥିବାରୁ କବାଟ ନ ଖୋଲି କାଲି ଆସିବାକୁ ତାଙ୍କୁ କହିଥିଲି। ମାତ୍ର ସେମାନେ କବାଟ ଖୋଲିବାକୁ ବାଧ କରିଥିଲେ ମଧ ସେ କବାଟ ଖୋଲି ନ ଥିଲେ। ପରେ ରାତି ୩ଟା ୨୦ମିନିଟରେ ସେ କବାଟ ଖୋଲି ବାହାରକୁ ପରିସ୍ରା କରିବାକୁ ଆସିଥିଲେ। ଏହି ସମୟରେ ସେଠାରେ ତାଙ୍କୁ ୨ଜଣ କାବୁ କରି ତାଙ୍କ ମୁଣ୍ଡରେ ଏକ ବନ୍ଧୁକ ଲଗାଇ ଘରର ବାରଣ୍ଡାରେ ଚୁପଚାପ ହୋଇ ବସିବାକୁ କହିଥିଲେ। ଅନ୍ୟ ୩ ଜଣ ଆଶ୍ରମ ଭିତରେ ପଶି ଆଶ୍ରମରେ ଥିବା ୨ଟି ଗଡ଼ରେଜ ଆଲମିରା ଭାଙ୍ଗି ଭିତରେ ଥିବା ୪୦ ହଜାର ଟଙ୍କା ଓ



ଖୁଚୁରା ପଇସା ଲୁଟି ନେଇଯାଇଥିଲେ। ଏଥିସହ ମା'ଙ୍କ ପ୍ରକୋଷ୍ଠରେ ଥିବା ଏକ ଦାନବାକ୍ସକୁ ଭାଙ୍ଗି ସେଥିରେ ଥିବା ସମସ୍ତ ଟଙ୍କା ନେଇ ଯାଇଥିଲେ। ଗଲାବେଳେ ବାହାରେ ଦାନ ବାକ୍ସଟିକୁ ଫୋପାଡ଼ି ଦେଇ ପଳାଇ ଯାଇଥିଲେ ବୋଲି ଅର୍ଜୁନ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପାଇବା ପରେ ମଙ୍ଗଳବାର ସକାଳେ ଏସ୍‌ପି ମଡକର ସନ୍ଦୀପ ସମ୍ପଦ, କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ସଦର ଥାନା ଅଧିକାରୀ ସରୋଜ କୁମାର ସାହୁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏ ନେଇ ଥାନାରେ ନଂ. ୫୪୦/୨୩ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଛାନବିନ୍ ଚାଲିଛି।

# କେନାଲରେ ପାଣିନାହିଁ: ବିହନ ଗଜାମରୁଡ଼ି ଆଶଙ୍କା

- କେନ୍ଦୁପାଟଣା ଜଳସେଚନ ବିଭାଗର ମନମାନି
- ଚିନ୍ତାରେ ଡେରାବିଶ ଚାଷୀ

ଡେରାବିଶ, ୨୫ା୭(ବେବର୍ତ୍ତା ଅଜୟ ଦାସ)

ବର୍ଷାର ଲୁଚକାଳି ଖେଳ ସାଙ୍ଗକୁ ଜଳ ସମ୍ପଦ ବିଭାଗର କଟକ ନର୍ଥ ଡିଭିଜନ୍ ଅଧୀନରେ ଥିବା କେନ୍ଦୁପାଟଣା ଜଳସେଚନ ବିଭାଗର ମନମାନି ପାଇଁ ୮ ନଂ. ଓ ୮ନଂ. (୧) ଶାଖା କେନାଲରେ ପାଣି ଆସି ନାହିଁ। ଫଳରେ ଜମିରେ ବିହନ ଗଜା ମରୁଡ଼ି ହେବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଏଥିସହ କେନାଲ ପାଣିକୁ ଅପେକ୍ଷା କରି ରହିଥିବା ଡେରାବିଶ ବ୍ଲକ ଅନ୍ତର୍ଗତ ନରସିଂହପୁର, ଏଣ୍ଡର, ବାଲିଆ, ଗୋଲରାହାଟ ଓ ଲକ୍ଷ୍ମୀନାରାୟଣପୁର ଇତ୍ୟାଦି ପଞ୍ଚାୟତର ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଗତ ସପ୍ତାହରେ ମୌସୁମୀ ଜନିତ ବର୍ଷା ଦି'ଅସରା ହେବା ପରେ ଏହି ଅଞ୍ଚଳର ଚାଷୀଙ୍କ ମନରେ ଆନନ୍ଦ ଦେଖାଦେଇଥିଲା। ମାତ୍ର ୩ଦିନ ହେବ ବ୍ଲକ ଅଞ୍ଚଳରେ ସମ୍ପୂର୍ଣ୍ଣ ବର୍ଷା ବନ୍ଦ ହୋଇଯିବା ଦ୍ୱାରା ଚାଷୀମାନେ କେନାଲ ଉପରେ ନିର୍ଭରଶୀଳ ହୋଇଛନ୍ତି। କେନାଲରେ ପାଣି ଯୋଗାଇବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଠିକାଦାରଙ୍କ ମାଧ୍ୟମରେ ନାମକୁ ମାତ୍ର କେନାଲ ସଫେଇ କରାଯାଉଛି। ତେବେ କେନାଲ ସଫେଇ କେବଳ ଧର୍ମକୁ ଆଖିଠାର ଭଳି କାର୍ଯ୍ୟ ଚାଲିଛି। ଚାଷୀ ବ୍ରହ୍ମାନନ୍ଦ ମଲିକ କହିଛନ୍ତି, ପ୍ରତ୍ୟେକ ବର୍ଷ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ମାଧ୍ୟମରେ କରାଯାଉଥିବା କେନାଲ ସଫେଇ ଚାଷୀଙ୍କୁ କେବଳ ଭୂଆଁ ବୁଲାଇବା ଛଡ଼ା ଆଉ କିଛି ନୁହେଁ। ଏଥିସହ କେନାଲର ଶେଷ ଭାଗରେ ରହୁଥିବା ଚାଷଜମିଗୁଡ଼ିକୁ ପାଣି ଯୋଗାଇବାରେ କେନ୍ଦୁପାଟଣା ଜଳସେଚନ ବିଭାଗର ବେପରୁଆ ମନୋଭାବ ନେଇ ବହୁ ଚାଷ ଜମି ପଡ଼ିଆ ରହୁଛି। ଚଳିତବର୍ଷ ଜୁଲାଇ ଶେଷ ସପ୍ତାହ ସୁଦ୍ଧା କେନାଲରେ ପାଣି ନ ଆସିବା ସମଗ୍ର ଚାଷୀକୁଳଙ୍କୁ ନିରାଶ କରିଛି। ସେହିପରି ଏଣ୍ଡର ପଞ୍ଚାୟତର ଚାଷୀ ରଜନୀକାନ୍ତ ମହାନ୍ତି, ହରେକୃଷ୍ଣ ମହାନ୍ତି କହିଛନ୍ତି, ୮ନଂ. ମୁଖ୍ୟ କେନାଲକୁ ଯେନତେନ ଭାବେ ମେଶିନ୍ ମାଧ୍ୟମରେ ସଫା କରି ଦେଇ ବିଭାଗ ତା'ର କାର୍ଯ୍ୟ ସାରି ଦେଇଛି। କେନାଲରେ ପାଣି ଆସିଲେ ବିହନ ପଡ଼ିଥିବା ତଳି କିଆରିକୁ ପାଣି ମଡ଼ା ଯିବା ସହ ବିଲରେ ହଳ କରାଯିବ, ତାହା ଏଯାଏ ସମ୍ଭବପର ହୋଇପାରିନାହିଁ। ଏ ବିଷୟରେ ତୁରନ୍ତ ଜିଲାପାଳ ଦୃଷ୍ଟିଦେବାକୁ ଚାଷୀ ରଜନୀକାନ୍ତ ଓ ହରେକୃଷ୍ଣ ନିବେଦନ କରିଛନ୍ତି। କେନାଲରେ ପାଣି ଆସିବା ନେଇ କେନ୍ଦୁପାଟଣା ଜଳସମ୍ପଦ ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମଲିକଙ୍କୁ ପଚାରିବାରେ କେନାଲର ଉପର ଭାଗ ଅଞ୍ଚଳରେ ଥିବା ଏକ ହ୍ୟୁମ ପାଇପ ଭାଙ୍ଗି ଯାଇଥିବାରୁ ପାଣି ଅଟକାଯାଇ କେନାଲ ସଫା କରାଯାଉଛି। କେନାଲରେ କେବେ ପାଣି ଛଡ଼ା ଯିବ ପଚାରିବାରୁ ଏ ନେଇ ସେ କିଛି କହି ନ ଥିଲେ। ତେବେ ତୁରନ୍ତ କେନାଲରେ ପାଣି ନ ଆସିଲେ ବ୍ଲକ ଅଧୀନ ସମ୍ପୃକ୍ତ ୫ ପଞ୍ଚାୟତର ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



କେନାଲ ସଫା ହୋଇ ନ ଥିବାରୁ ଚାଷଜମିକୁ ପାଣି ଯାଉନାହିଁ।

## ସଂକ୍ଷେପରେ

### ଗାଁ ମୁରବିଙ୍କ ପରଲୋକ

**ଓଡ଼ଗାଁ,୨୫।୭(ଆଦର୍ଶ କୁମାର ପଟ୍ଟନାୟକ):** ଓଡ଼ଗାଁ ବ୍ଲକ ପାନ୍ତିଖାରୀ ଗ୍ରାମ ପଞ୍ଚାୟତ ମଶାବାରୀ ଗ୍ରାମର ପଠାଣି ଜେନା (୯୦)ଙ୍କ ଗତ ଶନିବାର ପରଲୋକ ହୋଇଯାଇଛି । ଏହି ଅବସରରେ ମଙ୍ଗଳବାର ଗାୟତ୍ରୀ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ,ଶିକ୍ଷକମାନେ ନୀରବ ପ୍ରାର୍ଥନା କରିଥିଲେ। ବିଦ୍ୟାମନ୍ଦିର ଅଧ୍ୟକ୍ଷ ବିରେନ୍ଦ୍ର ସାହୁ ଜେନାଙ୍କ ସ୍ମୃତିଚାରଣ କରି ବିଭିନ୍ନ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଦୀର୍ଘ ୪୦ ବର୍ଷ ଧରି ଗ୍ରାମ ପରିଚାଳନା କମିଟିର ସଭାପତି ଦାୟିତ୍ୱ ତୁଲାଇଥିବା ଜେନା ସର୍ବଦା ଗ୍ରାମର ପ୍ରଗତି ସହିତ ଶାନ୍ତି ଶୃଙ୍ଖଳ ରକ୍ଷା ଦିଗରେ ନିରନ୍ତର କାର୍ଯ୍ୟ କରିଥିଲେ । ଗ୍ରାମର ଶିକ୍ଷାନୁଷ୍ଠାନ, ଦେବାଳୟ ନିର୍ମାଣ , ଯାନିଯାତ୍ରା ଓ ମେଳା ମହୋତ୍ସବରେ ତାଙ୍କ ଅବଦାନକୁ ଅଞ୍ଚଳବାସୀ ସବୁବେଳେ ମନେରଖିବେ। ବିଶେଷ କରି ଗାୟତ୍ରୀ ବିଦ୍ୟାମନ୍ଦିର ପାଇଁ ତାଙ୍କର ସହଯୋଗ ସର୍ବଦା ମନେ ରହିବ ବୋଲି ସେ କହିଥିଲେ।

### ମନ୍ଦିର ସମ୍ମୁଖରୁ ନିୟମିତ ଅଳିଆ ଉଠାଇବାକୁ ଦାବି

**ଖଣ୍ଡପଡ଼ା,୨୫।୭(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ସହରର ପ୍ରାଚୀନ ଶୈବ ପୀଠ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ ସମ୍ମୁଖରେ ଥିବା ଡ଼ଷ୍ଟବିନରୁ ନିୟମିତ ଅଳିଆ, ଆବର୍ଜନା ଉଠା ଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ସମୟରେ ମନ୍ଦିର ପରିସରରୁ ବାହାରୁଥିବା ଅଳିଆ, ଠାକୁରଙ୍କୁ ଲାଗି ହେଉଥିବା ବେଲପତ୍ର, ଫୁଲ ଆଦି ପୂଜକମାନେ ଡ଼ଷ୍ଟବିନରେ ପକାଇଥାଆନ୍ତି। ଅଳିଆ, ଆବର୍ଜନା ଉଠାଇବା ଦାୟିତ୍ୱରେ ଥିବା ସଫେଇ କର୍ମଚାରୀମାନେ ନିୟମିତ ମନ୍ଦିର ସମ୍ମୁଖରେ ଅଳିଆ ନେଉ ନ ଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ମନ୍ଦିର ସମ୍ମୁଖରୁ ନିୟମିତ ଅଳିଆ ଅନ୍ୟତ୍ର ସ୍ଥାନାନ୍ତର ନିମନ୍ତେ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଅବହେଳିତ ଯୋଗୀଯୋଗିଆଣୀ ବୌଦ୍ଧ ପୀଠ

## ବୌଦ୍ଧସ୍ତୁପ କାର୍ଯ୍ୟ ସମ୍ପନ୍ନ ପରେ ବି ବିଗ୍ରହମାନଙ୍କୁ ସ୍ଥାନାନ୍ତର କରାଯାଉନି

## ୫ ବର୍ଷ ପରେ ବି କଲ୍ୟାଣ ମଣ୍ଡପ କାର୍ଯ୍ୟକ୍ଷମ ହୋଇପାରିନି

**ଖଣ୍ଡପଡ଼ା,୨୫।୭(ଅଜୟ କୁମାର ମହାରଣା)**

ନୟାଗଡ଼ ଜିଲା କୋସକା ପଞ୍ଚାୟତସ୍ଥିତ ଯୋଗୀଯୋଗିଆଣୀ ବୌଦ୍ଧ ପୀଠକୁ ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ର ଭାବେ ଘୋଷଣା କରିବାର ୬ ବର୍ଷ ବିତିଲାଣି । ମାତ୍ର ଏହି ପୀଠ ସହିତ ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ସୁବିଧା ତଥା ସୁରକ୍ଷା ଦିଗରେ ପର୍ଯ୍ୟଟନ ବିଭାଗ ଧ୍ୟାନ ଦେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଅପରପକ୍ଷେ ଯୋଗୀଯୋଗିଆଣୀ ପୀଠର ଉନ୍ନତୀକରଣ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ୩.୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ୨୦୨୧ ଡ଼ିସେମ୍ବର ୨୫ରେ ଉକ୍ତ ଅନୁଦାନରେ ପୀଠ ପରିସରରେ ଏକ ବୌଦ୍ଧସ୍ତୁପ ନିର୍ମାଣ ନିମନ୍ତେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଅଖିଳ କୁମାର ପଟ୍ଟନାୟକଙ୍କ ସମେତ ଯୋଗୀଯୋଗୀଆଣୀ ଉନ୍ନୟନ ପରିଷଦର କର୍ମକର୍ତ୍ତା ଓ ସ୍ଥାନୀୟ ବିଶିଷ୍ଟବ୍ୟକ୍ତିମାନଙ୍କ ଉପସ୍ଥିତରେ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ତେବେ ବିଳମ୍ବରେ ହେଉ ପଛେ ଏହି କାମ ଆଉ ଅଳ୍ପ ଦିନ ମଧ୍ୟରେ ଶେଷ ହେବାକୁ ଯାଉଛି । ପୂର୍ବରୁ ଅସୁରକ୍ଷିତ ଏକ ଗୃହରେ ପୂଜା ପାଉଥିବା ବୌଦ୍ଧ ବିଗ୍ରହମାନଙ୍କୁ ଏହି ନୂତନ ଗୃହରେ ପ୍ରତିଷ୍ଠା କରାଯିବାର ପ୍ରସ୍ତାବ ରହିଥିଲେ ମଧ୍ୟ ବିଭିନ୍ନ କାରଣରୁ ଅଯଥା ବିଳମ୍ବ କରାଯାଉଥିବା ଅଭିଯୋଗ ହୋଇଛି ।


ଯୋଗୀଯୋଗିଆଣୀ ପୀଠରେ ଥିବା ଚାରି ବୌଦ୍ଧମୂର୍ତ୍ତି।


ନୂତନ ଭାବେ ନିର୍ମାଣ ହୋଇଥିବା ଗୃହ।

ସୂଚନା ଅନୁଯାୟୀ, କୋସକା ପଞ୍ଚାୟତର ରାମଚନ୍ଦ୍ରପୁର ଓ ଅଁଳାପଟା ମୌଜା ନିକଟରେ ଘଞ୍ଚ ଜଙ୍ଗଲ ତଥା ପାହାଡ଼ ପାଦଦେଶରେ କାହିଁ କେଉଁ କାଳରୁ ବହି ଯାଉଥିବା ଏକ ଝରଣା ନିକଟରେ ପୂଜା ପାଉଛନ୍ତି ଖ୍ରୀଷ୍ଟିୟ ନବମ ଓ ଦଶମ ଶତାବ୍ଦୀର ୪ ବୌଦ୍ଧ ମୂର୍ତ୍ତି । ଅପରୁପ ପରିବେଶ ପରବେଷ୍ଟିତ ଉକ୍ତ ବୌଦ୍ଧ ପୀଠଟି ନୟାଗଡ଼ ଜିଲାର ଏକମାତ୍ର ବୌଦ୍ଧ ପୀଠ । ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏହି ପୀଠ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ତଥା ସେମାନଙ୍କ ରହଣି ପାଇଁ ୩୫ ଲକ୍ଷ ଟଙ୍କା ବ୍ୟୟରେ ପାହାଡ ପାଦଦେଶରେ ୨୦୧୮ ଡ଼ିସେମ୍ବର ୩୧ରେ ଏକ କଲ୍ୟାଣ ମଣ୍ଡପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ତତ୍କାଳୀନ ବିଧାୟକ ଅନୁଭବ ପଟ୍ଟନାୟକ ଓ ଜିଲାପାଳ ଡ. ଏନ୍ ତିରୁମାଲା ନାୟକଙ୍କ ଦ୍ୱାରା କରାଯାଇଥିଲା । ମାତ୍ର ପ୍ରଶାସନିକ ଉଦାସୀନତା ଯୋଗୁ ଏହି ପ୍ରକଳ୍ପର କାର୍ଯ୍ୟ ସମ୍ପନ୍ନ ହୋଇ ପାରିଲା ନାହିଁ । ପଞ୍ଚାୟତ ପକ୍ଷରୁ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପର ଛାତ ପଡିଯାଇଥିବା ବେଳେ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ହୋଇପାରିନାହିଁ । ଫଳରେ ଉକ୍ତ କଲ୍ୟାଣ ମଣ୍ଡପ କାର୍ଯ୍ୟକ୍ଷମ ହୋଇ ପାରୁନି। ପୀଠ ପରିସରରେ ଥିବା ଯଜ୍ଞସ୍ଥଳୀଟି ବିପଦ ଶଙ୍କୁଳ ଅବସ୍ଥାରେ ରହିଛି । ଅତ୍ୟଧିକ ବର୍ଷା ସମୟରେ ଏହା ଭାଙ୍ଗି ପଡିବାର ଆଶଙ୍କା ପ୍ରକାଶ ପାଇଛି । ପାହାଡ଼ ପାଦ ଦେଶରେ ଏକ ବିସ୍ତୃତ ସ୍ଥାନରେ ଏହି ପ୍ରକଳ୍ପଟି ନିର୍ମାଣ ହେଉଥିବାରୁ ତାହା ପର୍ଯ୍ୟଟକମାନଙ୍କ ରହଣୀ ତଥା ରାତ୍ରୀଯାପନ ପାଇଁ ସୁବିଧା ହୋଇଥାଆନ୍ତା । ଏପରି ପରିବେଶ ଦୃଷ୍ଟିରୁ ଏଠାରେ ରାତ୍ରୀଯାପନ, ସିନେମା ସୁଟିଂ, ଠାକୁର ଦର୍ଶନ, ବିବାହ ଓ ବଣ ଭୋଜି କରିବା ପାଇଁ ବିଭିନ୍ନ ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ଯାନବାହନ ଯୋଗେ ବହୁ ସଂଖ୍ୟକ ପର୍ଯ୍ୟଟକ ଏହି ପୀଠକୁଆସିଥାନ୍ତି। ମାତ୍ର ଏଠାରେ ରହିବାର ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକମାନେ ଫେରିଯାଇଥାଆନ୍ତି । ଅପରପକ୍ଷେ ପ୍ରତି ବର୍ଷ ନଭେମ୍ବରଠାରୁ ଜାନୁୟାରୀ ପର୍ଯ୍ୟନ୍ତ ବହୁ ପର୍ଯ୍ୟଟକ, ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ପିକନିକ୍ ଉଦ୍ଦେଶ୍ୟରେ ଆସିଥାନ୍ତି । ଏହାଛଡା ପ୍ରତିବର୍ଷ ନବବର୍ଷ ଅବସରରେ ଉକ୍ତ ପୀଠରେ ଏକ ସାଧୁସନ୍ଥ ମେଳା ଅନୁଷ୍ଠିତ ହୋଇଥାଏ । ଉକ୍ତ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରରୁ ବହୁ ସାଧୁସନ୍ଥ ଯୋଗ ଦେଇଥାଆନ୍ତି । ପର୍ଯ୍ୟଟକମାନେ ଏପରି ପ୍ରାକୃତିକ ମନଲୋଭା ପରିବେଶ ମଧ୍ୟରେ ବହିଯାଉଥିବା ଝରଣାରେ ସ୍ନାନ କରିବାର ସୁଯୋଗକୁ ମଧ୍ୟ ହାତଛଡା କରି ନ ଥାଆନ୍ତି । ତେବେ ଏହି ପୀଠରେ ହାଇମାଷ୍ଟ ଲାଇଟ୍‌ର ବ୍ୟବସ୍ଥା ସାଙ୍ଗକୁ, ଝରଣାର ପ୍ରବାହିତ ଜଳକୁ ଚେକ୍ ଡ୍ୟାମ୍ ମାଧ୍ୟମରେ ଅଟକାଯାଇ ସ୍ନାନ ଶୌଚାଦି ସମ୍ପନ୍ନର ସୁବିଧା କରାଗଲେ ପର୍ଯ୍ୟଟକମାନେ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏହାଛଡା ଚେକ୍‌ଡ୍ୟାମର ଜଳରାଶିକୁ ମଧ ନିମ୍ନ ଭାଗରେ ଥିବା ଜମିରେ ଜଳସେଚନର ସୁବିଧା ହୋଇପାରନ୍ତା ବୋଲି ଯୋଗୀଯୋଗିଆଣୀ ବୌଦ୍ଧ ପୀଠ ଉନ୍ନୟନ ପରିଷଦର ସଭାପତି ସୁଜିତ କୁମାର ପଟ୍ଟନାୟକ ଓ ପୂର୍ବତନ କୋସକା ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି ।

ଉକ୍ତ ଜୋନ୍‌ର ବରିଷ୍ଠ ଜିଲାପରିଷଦ ସଭ୍ୟ ରାମେଶ୍ୱର ଶତପଥୀଙ୍କ ସହ ଯୋଗାଯୋଗ କରିବାରେ ତତ୍କାଳୀନ ସ୍ୱାସ୍ଥ୍ୟ ଓ ପର୍ଯ୍ୟଟନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ଜିଲାପାଳ ପରେଶ ଚନ୍ଦ୍ର ନାୟକ ଏବଂ ବିଧାୟିକା ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସହଯୋଗରେ ଉକ୍ତ ପୀଠଟି ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିଲା । ରାଜ୍ୟ ସରକାର ଯେଉଁଳି ଭାବେ ଅନ୍ୟ ପର୍ଯ୍ୟଟନସ୍ଥଳୀଗୁଡିକର ବିକାଶ କରୁଛନ୍ତି, ସେଭଳି ଯୋଗିଯୋଗିଆଣୀ ପୀଠର ବିକାଶ କରାଗଲେ କୋସକା ଅଞ୍ଚଳର ସାମଗ୍ରୀକ ବିକାଶ ହୋଇ ପାରନ୍ତା । ତେବେ ୫-ଟି ସଚିବଙ୍କ ୨ ଦିନିଆ ଖଣ୍ଡପଡ଼ା ଓ କଣ୍ଟିଲୋ ଗସ୍ତରେ ଆସିଥିବା ସମୟରେ ଏ ପୀଠର ଉନ୍ନତି ଓ ବିକାଶ ଦିଗରେ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏଦିଗରେ ସଚିବ ନିଶ୍ଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ଶତପଥୀ ସୂଚନା ଦେଇଛନ୍ତି । ଅପରପକ୍ଷେ ପର୍ଯ୍ୟଟକମାନଙ୍କ ରହଣୀ ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ଗୃହ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର କରାଯିବା ସହ ଅଧିକ ଆଲୋକୀକରଣ ବ୍ୟବସ୍ଥା ସହ ଏହାର ପ୍ରଚାର ପ୍ରସାର ପାଇଁ ଯତ୍ନବାନ ହେଲେ ଏ ପୀଠର ଉନ୍ନତି ହୋଇ ପାରନ୍ତା ବୋଲି ସଭାପତି ପଟ୍ଟନାୟକ ପ୍ରକାଶ କରିଛନ୍ତି ।


ପୂର୍ବରୁ ନିର୍ମାଣ ହୋଇଥିବା ଗୃହ।

# ଉଦ୍ୟାନ ବିଭାଗ ପକ୍ଷରୁ ଫଳଚାରା ବିକ୍ରି ଆରମ୍ଭ


ଉଦ୍ୟାନ ବିଭାଗ ପକ୍ଷରୁ ଚାରା ବଣ୍ଟନ କରାଯାଉଛି।

**ଖଣ୍ଡପଡ଼ା,୨୫।୭(ଅଜୟ କୁମାର ମହାରଣା)**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଖଣ୍ଡପଡ଼ା ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀ ଓ ହିତାଧିକାରୀମାନଙ୍କୁ ୫୦ ପ୍ରତିଶତ ରିହାତି ଦରରେ ଫଳ ଚାରା ବିକ୍ରୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ବିଭିନ୍ନ କିସମର କଲମୀ ଆମ୍ବ, ଲେମ୍ବୁ, ନଡିଆ, ପଣସ, କାଜୁ, ଅମୃତ ଭଣ୍ଡା ଓ ସଜନା ଗଛ ଚାରା କ୍ରୟ କରିବା ପାଇଁ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ପରିସରରେ ଦୈନିକ ଭିଡ଼ ପରିଲକ୍ଷିତ ହେଉଛି। ଚଳିତ ବର୍ଷ ଖଣ୍ଡପଡା ଅଞ୍ଚଳର ୧୦ ହଜାର ହିତାଧିକାରୀଙ୍କୁ ଚାରା ବଣ୍ଟନ କରାଯିବ ବୋଲି ଖଣ୍ଡପଡା ସହକାରୀ ଉଦ୍ୟାନ ଅଧିକାରୀ କାଳନ୍ଦୀ ଚରଣ ବାରିକ କହିଛନ୍ତି । ବର୍ତ୍ତମାନ ସୁଦ୍ଧା ୨୫ଶହ ଆମ୍ବ, ୪ଶହ ଲେମ୍ବୁ, ୫୦ ନଡିଆ ଚାରା ବଣ୍ଟନ କରାଯାଇଥିବା ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

**ଉପକୃତ ହେବେ ୧୦ ହଜାର ଚାଷୀ**

# ଯଶୋଦା କାଣ୍ଡି ନୟାଗଡ଼ ଜିଲା ଯୁବ କଂଗ୍ରେସ ସଭାପତି

**ନୟାଗଡ଼,୨୫।୭(ଲୋକନାଥ ମିଶ୍ର)**

ଭାରତୀୟ ଯୁବ କଂଗ୍ରେସ ଓଡ଼ିଶା ପ୍ରଦେଶର ସାଙ୍ଗଠନିକ ନିର୍ବାଚନର ଫଳାଫଳ ମଙ୍ଗଳବାର ଘୋଷଣା ହୋଇଛି। ଏହି ସାଙ୍ଗଠନିକ ନିର୍ବାଚନରେ ନୟାଗଡ଼ ଜିଲା ଯୁବ କଂଗ୍ରେସ ସଭାପତି ଭାବେ ଯଶୋଦା କାଣ୍ଡି ୮୩୩ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ସେହିଭଳି ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଭାବେ ଦିଲୀପ ଖୁଣ୍ଟିଆ ଓ ରଣପୁର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଭାବେ ପ୍ରକାଶ ଚନ୍ଦ୍ର ନାୟକ ଅନୁରୂପ ଭାବେ ନିର୍ବାଚିତ ହୋଇଛନ୍ତି। ବିଜୟ ଲାଭ ପରେ ଯଶୋଦା କହିଛନ୍ତି, ନୟାଗଡ଼ ଓ ଦଶପଲ୍ଲା ନିର୍ବାଚନମଣ୍ଡଳୀର ସଭାପତି ମନୋନୟନ ଖୁବ୍‌ଶୀଘ୍ର କରିବା ସହ ଦଳକୁ ତୃଣମୂଳସ୍ତରରେ ସୁଦୃଢ଼ କରିବାକୁ ଚେଷ୍ଟା କରିବି। ନୟାଗଡ଼ରେ ଭ୍ରଷ୍ଟାଚାର ଓ ଅତ୍ୟାଚାର ବିରୋଧରେ ଉଠୁଥିବା ସ୍ୱରକୁ ଲୋକଙ୍କ ନିକଟକୁ ନେଇ ପହଞ୍ଚିବି। ମୋର ବିଜୟ ନିମନ୍ତେ ନବ ନିର୍ବାଚିତ ରାଜ୍ୟ ସଭାପତି ରଞ୍ଜିତ କୁମାର ପାତ୍ର, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜ, ଯୁବ ସଂଗଠକ ଶେଖ ଅବଦୁଲ ଆହାଦ, ନୟାଗଡ଼ ଜିଲା ଛାତ୍ର କଂଗ୍ରେସ ସଭାପତି ଜ୍ୟୋତି ରଞ୍ଜନ ଦାଶ, ରାଜ୍ୟ ଛାତ୍ର କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମଲ୍ଲ, ଯୁବ ସଂଗଠକ ମଲିକ ମହମ୍ମଦ ମୁବସିର ପ୍ରମୁଖଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି । ଜିଲା ସଭାପତି ରଣଜିତ ଦାଶ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇ ଲୋକଙ୍କ ନିକଟତର ହୋଇ ସଙ୍ଗଠନ ମଜବୁତ କରନ୍ତୁ ବୋଲି କହିଛନ୍ତି ।


ନୟାଗଡ଼ ଜିଲା ଯୁବ କଂଗ୍ରେସ ସଭାପତି ଯଶୋଦା କାଣ୍ଡିଙ୍କୁ ଦଳୀୟ କର୍ମୀମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ମାରପିଟ


ଅଧ୍ୟାପକଙ୍କ ମାଡ଼ରେ ଆହତ ୨ ଛାତ୍ର।

- ଅଧ୍ୟାପକ ବି ଛାତ୍ରମାନଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଲେ
- ତୁଳସୀପୁରରେ ଉତ୍ତେଜନା, ଥାନାରେ ଅଭିଯୋଗ

**ନୟାଗଡ଼,୨୫।୭(ଲୋକନାଥ ମିଶ୍ର)**

ନୟାଗଡ଼ ଟାଉନ ଥାନା ତୁଳସୀପୁରସ୍ଥ ବିଜ୍ଞାନ ଟ୍ୟୁଟୋରିଆଲରେ ସୋମବାର ସନ୍ଧ୍ୟାରେ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହେବା ଓ ମଙ୍ଗଳବାର ଅପରାହ୍ନରେ ୨୦ରୁ ଊର୍ଦ୍ଧ୍ୱ ଛାତ୍ରଙ୍କୁ ୨ ଅଧ୍ୟାପକ ଗୋଡ଼ାଇ ଗୋଡ଼ାଇ ପିଟିବା ଘଟଣା ଉତ୍ତେଜନା ସୃଷ୍ଟି କରିଛି । ଅଧ୍ୟାପକଙ୍କ ମାରପିଟ୍ ବିରୋଧରେ ନୟାଗଡ଼ ସହରର ଗିରିଶ ରଞ୍ଜନ ରଥ ଓ ଫୁଲବାଣୀର ସୌଭାଗ୍ୟ ସାହୁ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।

ଅଭିଯୋଗ ଅନୁଯାୟୀ, ସୋମବାର ରାତିରେ ତୁଳସୀପୁରସ୍ଥ ବିଜ୍ଞାନ ଟ୍ୟୁଟୋରିଆଲରେ ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ହାତରେ ଠେଙ୍ଗାବାଡ଼ି ଧରି ଉଭୟ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ । ଜଣେ ଅଧ୍ୟାପକ ଓ ଟ୍ୟୁଟୋରିଆଲରେ ପହଞ୍ଚି ଉଭୟ ଛାତ୍ରଙ୍କୁ ବୁଝାଶୁଝା କରି ବିବାଦର ସମାଧାନ କରିଥିଲେ । ତେବେ ମଙ୍ଗଳବାର ଅପରାହ୍ନରେ ଟ୍ୟୁଶନ କରୁଥିବା ୨ କଲେଜର ଅଧ୍ୟାପକ ଦିଲୀପ କୁମାର ମହାନ୍ତି ଓ ଲକ୍ଷ୍ମୀଧର ଦାସ ପହଞ୍ଚି ୨୦ରୁ ଊର୍ଦ୍ଧ୍ୱ ଛାତ୍ରଙ୍କୁ ମାରପିଟ୍ କରିଥିଲେ ।

**ଥାନାରେ ଅଧ୍ୟାପକଙ୍କୁ ପିଟିଲେ କନ୍‌ଷ୍ଟେବଳ :** ନୟାଗଡ଼ ଟାଉନ ଥାନାର ଦିଲୀପ ବେହେରା ନାମକ ଜଣେ କନ୍‌ଷ୍ଟେବଳଙ୍କ ଔଦ୍ଧତ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ତୁଳସୀପୁରସ୍ଥ ବିଜ୍ଞାନ ଟ୍ୟୁଟୋରିଆଲର ବିବାଦକୁ ସମାଧାନ କରିବାକୁ ଆସିଥିବା ଅଧ୍ୟାପକ ଲକ୍ଷ୍ମୀଧର ଦାସଙ୍କୁ କନ୍‌ଷ୍ଟେବଳ ବେହେରା ମଙ୍ଗଳବାର ସନ୍ଧ୍ୟାରେ ମାରପିଟ୍ କରିଥିବା ଅଭିଯୋଗ ହୋଇଛି । ଅଧ୍ୟାପକଙ୍କୁ କନ୍‌ଷ୍ଟେବଳ ଥାନା ବାରଣ୍ଡାରେ ମାରପିଟ କରିଥିଲେ। ସେହି ସମୟରେ କେତେଜଣ ଗଣମାଧ୍ୟମ ପ୍ରତିନିଧି ଟ୍ୟୁଟୋରିଆଲ ବିବାଦର କାରଣ ବୁଝିବାକୁ ଯାଇଥିଲେ। କନ୍‌ଷ୍ଟେବଳଙ୍କ ଔଦ୍ଧତ୍ୟ ଦେଖି ଗଣମାଧ୍ୟମର ପ୍ରତିନିଧି ଓ ପ୍ରତ୍ୟକ୍ଷଦର୍ଶୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। କନ୍‌ଷ୍ଟେବଳଙ୍କ ମାରପିଟ୍ ଘଟଣା ଥାନାର ସିସିଟିଭି କ୍ୟାମେରାରରେ କଏଦ୍ ହୋଇ ରହିଛି । ଯାହାକି ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**କ୍ଷମତାର ଅପବ୍ୟବହାର:** ନୟାଗଡ଼ ଟାଉନ ଥାନାରେ ଅଭିଯୋଗକାରୀଙ୍କୁ ଜୁଲମ ଓ ହଇରାଣ ହରକତ କରାଯାଉଥିବା ଅଭିଯୋଗ ହେଉଛି । ମଙ୍ଗଳବାର ଜଣେ ଅଧ୍ୟାପକଙ୍କୁ ମାଡ଼ ହେବା ପରେ ଅଭିଯୋଗର ଗୁମର ଫିଟିଛି। ଟାଉନ ଥାନାର ୨ କନ୍‌ଷ୍ଟେବଳ, ଜଣେ ହୋମଗାର୍ଡ ଓ ଜଣେ ଏସ୍ଆଇ ଏପରି ୪କର୍ମଚାରୀ ମିଶି ଅଭିଯୋଗକାରୀଙ୍କୁ ହଇରାଣ ହରକତ କରୁଥିବା ଅଭିଯୋଗ ଉଠୁଛି । କିଛି ସତ୍ୟ ଘଟଣାକୁ ମିଥ୍ୟା କରି ନିର୍ଦ୍ଦୋଷ ଲୋକଙ୍କୁ ହଇରାଣ କରିବା, ଲାଞ୍ଚ ନେଇ ଘଟଣାର ରଫାଦଫା କରିବା ପରି ଅଭିଯୋଗ ରହିଛି । ଏହି ୪ଜଣ କର୍ମଚାରୀ କ୍ଷମତାର ଅପବ୍ୟବହାର କରୁଥିବା ଚର୍ଚ୍ଚା ଜୋର ଧରିଛି। ଏଣୁ ଉପରୋକ୍ତ ୪ କର୍ମଚାରୀଙ୍କୁ ଚିହ୍ନଟ କରି ସେମାନଙ୍କ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକମାନେ କହିଛନ୍ତି । ନୟାଗଡ଼ ଟାଉନ ଥାନାରେ ଜଣେ ଅଧ୍ୟାପକଙ୍କୁ କନ୍‌ଷ୍ଟେବଳ ମାଡ ମାରିବା ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ରାହୁଲ ଜୈନ ସୂଚନା ଦେଇଛନ୍ତି।

# ଲୋପପାଇବାକୁ ବସିଲାଣି କୋଚିଲାଖାଇ ବଂଶ

**ଗଣିଆ,୨୫।୭(ସନ୍ତୋଷ କୁମାର ପ୍ରଧାନ)**

ପ୍ରାକୃତିକ ପରିବେଶ ଧ୍ୱଂସ, ଜଳବାୟୁ ପରିବର୍ତ୍ତନ, ଅନ୍ଧ ବିଶ୍ୱାସ ଓ ଅବାଧ ଶିକାର ଯୋଗୁ ଜଙ୍ଗଲରେ କେତେକ ପକ୍ଷୀ ନିଜର ଅସ୍ତିତ୍ୱ ହରାଇ ବସିଲେଣି । ସେମାନଙ୍କ ମଧ୍ୟରେ କୋଚିଲାଖାଇ ପକ୍ଷୀ ଅନ୍ୟତମ । ଜଙ୍ଗଲରେ ଅନ୍ୟ ପକ୍ଷୀଙ୍କ ତୁଳନାରେ ଏମାନଙ୍କ ବଂଶ ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ଓଡ଼ିଶାର ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳକୁ ଛାଡିଦେଲେ ସବୁ ଜଙ୍ଗଲରେ ଏହି ପକ୍ଷୀ ଦେଖିବାକୁ ମିଳୁନାହାନ୍ତି ବୋଲି ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି ।

ବିଶେଷକରି ଆମ ରାଜ୍ୟର ସାତକୋଶିଆ ଓ ଶିମିଳିପାଳ ଅଭୟାରଣ୍ୟରେ ୩ ପ୍ରଜାତିର ଏହି ପକ୍ଷୀ ଦେଖିବାକୁ ମିଳିଥାଏ । ଯଥା ମାଲବାର ପାଏର୍ଡ, ଇଣ୍ଡିଆନ ଗ୍ରେ ଓ ଓରିଏଣ୍ଟାଲ ପାଏଡ ପ୍ରଜାତିର କୋଚିଲାଖାଇ ଦେଖାଯାଇଥାଆନ୍ତି । ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ବଡ଼ମୂଳ, କୁତୁରୀ, ପଦ୍ମତୋଳା ଓ ମାରଡ଼ା ନିକଟ ମହାନଦୀ ଅବବାହିକାରେ ମାଲବାର ପାଏର୍ଡ ଓ ଇଣ୍ଡିଆନ ଗ୍ରେ କୋଚିଲାଖାଇ ଦେଖିବାକୁ ମିଳିଥାଆନ୍ତି । ଏହି ପକ୍ଷୀଟି ଦେଖିବାକୁ ଅତ୍ୟନ୍ତ ସୁନ୍ଦର । ଏହାର ଶରୀର କଳା, ଧଳା ମିଶ୍ରିତ ରଙ୍ଗର ହୋଇଥିବା ବେଳେ ବେକ ତଳେ ଧଳା ରଙ୍ଗର ଦାଗ ରହିଥାଏ । ଥଣ୍ଟଟି ଶରୀର ତୁଳନାରେ ଯଥେଷ୍ଟ ଲମ୍ବା ଓ ବକ୍ର । ହଳଦୀ ରଙ୍ଗର ଲମ୍ବାଳିଆ ଥଣ୍ଟ ଉପରେ ମୁକୁଟ ପରି ଗଠନ ହୋଇଥିବାରୁ ଏହା ଅତ୍ୟନ୍ତ ସୁନ୍ଦର ଦେଖାଯାଇଥାଏ । ଏହି ଦେଶୀୟ କୋଚିଲାଖାଇ ପକ୍ଷୀ କୋଚିଲା ଫଳ ଓ ଜଙ୍ଗଲର ଅନ୍ୟାନ୍ୟ ଫଳକୁ ଖାଦ୍ୟ ଭାବେ ଗ୍ରହଣ କରିଥାଏ । ଶୀତଦିନେ ସକାଳ ଓ ସନ୍ଧ୍ୟା ପୂର୍ବରୁ ଏମାନେ ମହାନଦୀ କୂଳରେ ଥିବା ଉଚ୍ଚ ବରଗଛ, ଫାଶୀ ଗଛ ଓ କୋଚିଲା ଗଛର ଅଗ୍ରଭାଗରେ ବସିଥାଆନ୍ତି । ଗୋଟିଏ ଦଳରେ ୧୫ରୁ ୨୦ କୋଚିଲାଖାଇ ରହିଥାଆନ୍ତି। ଗୋଟିଏ ମାଈ କୋଚିଲାଖାଇ ପକ୍ଷୀ ଏକାଥରକେ ୨ରୁ ୩ଟି ଅଣ୍ଡା ଦେଇଥାଏ । ନିଜକୁ ଏବଂ ଛୁଆଙ୍କୁ ଶତ୍ରୁ ଦାଉରୁ ରକ୍ଷା କରିବା ପାଇଁ ଏମାନେ ଉଚ୍ଚ ଗଛର କୋରଡରେ ବସା କରିଥାଆନ୍ତି । ତେବେ ଏହି ବିରଳ ପ୍ରଜାତିର ପକ୍ଷୀ ଧୀରେ ଧୀରେ ଲୋପ ପାଇବାରେ ଲାଗିଛନ୍ତି । ଲୋକମାନେ ଆଜ୍‌ମା(ଶ୍ୱାସ) ଓ ବାତ ରୋଗରୁ ଉପଶମ ପାଇବା ପାଇଁ କୋଚିଲାଖାଇ ପକ୍ଷୀର ମାଂସକୁ ସିଝାଇ ସେଥିରୁ ଅର୍କ ବାହାର କରି ତୈଳ ଭାବେ ବ୍ୟବହାର କରିଥାଆନ୍ତି । କିନ୍ତୁ ଏହା ଠିକ୍ ନୁହେଁ, ଏହା ଦ୍ୱାରା ରୋଗ ଉପଶମ ହୋଇ ନ ଥାଏ । ଲୋକମାନେ ବୁଝି ନ ପାରି ନିଜର ସ୍ୱାର୍ଥ ପାଇଁ ଏପରି ପକ୍ଷୀ ଶିକାର କରିଥାନ୍ତି କିମ୍ବା ବାହାରକୁ ଚୋରାଚାଲାଣ କରିଥାନ୍ତି ବୋଲି ପରିବେଶବିତ୍‌ମାନେ କହିଛନ୍ତି । ଅନ୍ୟପକ୍ଷେ ମାଈ କୋଚିଲାଖାଇ ପକ୍ଷୀ ଅଣ୍ଡା ଦେବାଠାରୁ ଛୁଆ ଫୁଟାଇବା ପର୍ଯ୍ୟନ୍ତ ବସାରେ ଜଗିରହିଥାଏ । ଅଣ୍ଡିରା କୋଚିଲାଖାଇ ପକ୍ଷୀ ଥଣ୍ଟରେ ଚିକିଟାମାଟି ସଂଗ୍ରହ କରି ବସା ବା କୋରଡରେ ମୁହଁ ବନ୍ଦ କରିଦିଏ ଏବଂ ଥଣ୍ଟ ଯିବା ଭଳି ସରୁ ବାଟ ରଖିଥାଏ । ଛୁଆ ବଡ଼ ହେବା ପର୍ଯ୍ୟନ୍ତ ଅଣ୍ଡିରା କୋଚିଲାଖାଇ ପକ୍ଷୀ ଖାଦ୍ୟ ସଂଗ୍ରହ କରି ମା'ଓ ଛୁଆକୁ ଦେଇଥାଏ। ଛୁଆ ବଡ଼ ହେବା ପରେ କୋରଡ଼ ବା ବସା ମୁହଁରେ ଥିବା ମାଟିକୁ ଭାଙ୍ଗି ଛୁଆ ଓ ମାଈ କୋଚିଲାଖାଇ ପକ୍ଷୀକୁ ବାହାର କରିଥାଏ। ଏହି ସମୟରେ ଯଦି ଅଣ୍ଡିରା ପକ୍ଷୀଟିର ଶିକାରୀ କିମ୍ବା ଶତ୍ରୁ ଦ୍ୱାରା ମୃତ୍ୟୁ ହୁଏ ତେବେ ମା'ପକ୍ଷୀ ଓ ଛୁଆ ଖାଦ୍ୟ ନ ପାଇ ମୃତ୍ୟୁ ମୁଖରେ ପଡିଥାଆନ୍ତି । ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ୍ୟ । ଏଭଳି ଅନେକ କାରଣ ଯୋଗୁ କୋଚିଲାଖାଇ ପକ୍ଷୀ ବଂଶ ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି। ତେବେ କୋଚିଲାଖାଇ ପକ୍ଷୀଙ୍କ ଗତିବିଧି ଓ ସୁରକ୍ଷା ଦିଗରେ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ନଜର ରଖାଯାଇଛି ବୋଲି ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ମୌସୁମୀ ବେହେରା ସୂଚନା ଦେଇଛନ୍ତି ।



